ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.310 Bhubaneswar Friday January 26 2023 | ୨୫ତମ ବର୍ଷ | ସଂଖ୍ୟା–୩୧୦ | ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS


# ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଭାରତ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି : ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୫।୧(ପି.ଏନ): ସାଧାରଣତ ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ନିଜ ଅଭିଭାଷଣ ଆରମ୍ଭରେ ରାଷ୍ଟ୍ରପତି ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ କହିଛନ୍ତି ଯେ ଗତ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିଲା। ଅର୍ଥନୈତିକ ଅନିଶ୍ଚିତାରେ ପରିପୂର୍ଣ୍ଣ ବିଶ୍ୱ ସଙ୍କଟର ପୃଷ୍ଠଭୂମିରେ ଏହି ସଫଳତା ହାସଲ କରାଯାଇଛି। ଦକ୍ଷ ନେତୃତ୍ୱ ଏବଂ ପ୍ରଭାବଶାଳୀ ସଂଘର୍ଷ ସହିତ, ଆମେ ଶୀଘ୍ର ବିମୁଦ୍ରାକରଣରୁ ବାହାରିଲୁ ଏବଂ ଆମର ଅଭିବୃଦ୍ଧି ଯାତ୍ରା ଆରମ୍ଭ କଲୁ। ରାଷ୍ଟ୍ରପତି ମୁର୍ମୁ ଦେଶର ନୂତନ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ



ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିବ। ସେ କହିଛନ୍ତି ଯେ ଆମେ ସମସ୍ତେ ସମାନ ଏବଂ ଆମେ ସମସ୍ତେ ଭାରତୀୟ।

## ଅଭିନନ୍ଦନ

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପାଳନ ଅବସରରେ ଆମର ଅଗଣିତ ପାଠକ–ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **–ସମ୍ପାଦକ**

## ଛୁଟି ଘୋଷଣା

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଜାନୁଆରୀ ୨୬ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ ।

**–ପ୍ରକାଶକ**

























# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ୍ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଭଦ୍ରକ ମାଟିର ଭୂମୀପୁତ୍ର ବୈରାଗୀ ଜେନା

**ପ୍ରଦୀପ ସେନାପତି**

ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟରେ ଓଡ଼ିଶାରେ ନେତାମାନଙ୍କର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଥିବା ବେଳେ ଦୁର୍ନୀତିରେ ଉବୁଟୁବୁ ହୋଇ ଗୁଣ୍ଡାରାଜ ଚଳାଇବା ସହିତ ନାରୀଧର୍ଷଣ, ଗଣହତ୍ୟାରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟର ଛାପ ସୃଷ୍ଟି କରିବାରେ ଆଦୌ ଅବହେଳା କରୁନାହାଁନ୍ତି। ସରକାରୀ ଦଳର ମୁଖିଆ ଘରେ ବସି ରିମୋର୍ଟ ମାଧ୍ୟମରେ ଏକ ନିଷ୍କ୍ରିୟ ସରକାର ଚଳାଉଛନ୍ତି। ଯାହା ପୂର୍ବରୁ କେବେହେଲେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିନଥିଲା। ଜନକଲ୍ୟାଣକାରୀ ରାଷ୍ଟ୍ରରେ ବାଘ ନଥିଲେ ମିରିଗ ନାଟ ଭଳି ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। କେତେକ ସଚ୍ଚୋଟ ଜନପ୍ରିୟ ନେତାମାନଙ୍କର ଅନୁପସ୍ଥିତିରେ ଏବେ ତାହା ସମ୍ଭବ ହୋଇପାରିଛି ବୋଲି ମୁଁ ଅନୁଭବ କରୁଛି। ସେମାନଙ୍କ ମଧ୍ୟରୁ ସେହିଭଳି ଜଣେ ଭଦ୍ରକ ମାଟିର କୃତି ସନ୍ତାନ, ଅତ୍ୟନ୍ତ ଗରିବ ପରିବାରର ଦଳିତ ଲୋକାଭିମୁଖୀ ଜନନେତା, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବୈରାଗୀ ଜେନାଙ୍କର ଆଜିର ୨୨ତମ ଶ୍ରାଦ୍ଧବାର୍ଷିକ ଅବସରରେ ଏହି ଅବିସ୍ମରଣୀୟ ଲୋକପ୍ରିୟ ନେତାଙ୍କୁ ହୃଦୟର ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ମନେପକାଇବାରେ ମୋର ଆନନ୍ଦ ଅଟେ।

ତାଙ୍କର ରାଜନୈତିକ ଜୀବନରେ କୌଣସି ଶତ୍ରୁ ତିଆରି କରିନଥିଲେ। ତାଙ୍କର ରାଜନୈତିକ ଶତ୍ରୁ ବି ଏହାକୁ ସ୍ୱୀକାର କରିବାକୁ ବାଧ୍ୟ। ନିତ୍ୟାନ୍ତ ଗରୀବ ହରିଜନ ପରିବାରର ପୁଣି ସୁଦୂର ମଫସଲ ଭଦ୍ରକ ଜିଲ୍ଲାର ବାମନାବିନ୍ଧା ଗ୍ରାମରେ ଜନ୍ମ ହୋଇ ମଧ୍ୟ ନିଜର ପ୍ରଚଣ୍ଡ ପ୍ରତିଭା ପାଇଁ ନିଜକୁ ସେ ସମଗ୍ର ଓଡ଼ିଶାରେ ପ୍ରତିଷ୍ଠିତ କରିପାରିଥିଲେ।

ଭଦ୍ରକ ହାଇସ୍କୁଲ୍‌ରେ ପାଠପଢ଼ା ସାରି ଭଦ୍ରକ କଲେଜରେ ପଢୁଥିବା ବେଳେ ଗାଁରେ ଜମିଦାରମାନଙ୍କ ଦ୍ୱାରା ଶୋଷିତ, ନିଷ୍ପେସିତ ଓ ଅତ୍ୟାଚରିତ ହେଉଥିବା ଗ୍ରାମବାସୀମାନଙ୍କ ମନରେ ଜନଜାଗରଣ ସୃଷ୍ଟି କରିବାକୁ ଡାକରା ଦେଇଥିଲେ। ସେତେବେଳେ ସେ କହିଥିଲେ, 'ଲାଲ୍ ଝଣ୍ଡା ଧରି-ଲାଲ ଶିରିପା ଭିଡ଼ି ଲାଲ ଫୌଜ ଚାଲରେ'। ଗାଁର ଶ୍ମଶାନ ଓ ଗୋଚର ଜମିକୁ ଗାଁ ଜମିଦାରମାନେ ଜବରଦସ୍ତ ଦଖଲ କରି ନେଉଥିବା ବେଳେ ତା'ର ପ୍ରତିବାଦରେ ଗାଉଥିଲେ, 'ଆମରି ଗାଁର ଶ୍ମଶାନ ଭୂଇଁ, ସଇତାନ ତୁମେ ପାରିବନି ଛୁଇଁ।'

ଏଭଳି ଏହି ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସେତେବେଳେ ଚିହ୍ନି ପାରିଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୬୧ରେ କଂଗ୍ରେସରେ ଯୋଗ ଦେଇଥିଲେ ଓ ଚାନ୍ଦବାଲିରୁ ଓଡ଼ିଶା ବିଧାନସଭାକୁ ବିପୁଳ ମାତ୍ରାରେ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ୧୯୬୭ରେ ପ୍ରବଳ କଂଗ୍ରେସ ବିରୋଧୀ ଜନମତରେ ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟଙ୍କ ସମେତ ସେ ମଧ୍ୟ ପରାଜିତ ହେଲେ।

୧୯୭୧ ଇନ୍ଦିରା ଗାନ୍ଧୀଙ୍କ ଗରୀବ ହଟାଓ ସ୍ଲୋଗାନରେ ବିଜୁ ପଟ୍ଟନାୟକ ପାଞ୍ଚୋଟି ବିଧାନସଭା ଆସନରୁ ଓ ଦୁଇଟି ଲୋକସଭା ଆସନରୁ ପରାଜିତ ହୋଇଥିବା ବେଳେ ସେଥିରେ ମଧ୍ୟ ବୈରାଗୀ ଜେନା ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଉତ୍କଳ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ଗଙ୍ଗାଧର ଦାସଙ୍କଠାରୁ ହାରିଥିଲେ।



୧୯୭୪ ମସିହାରେ ସ୍ୱର୍ଗତଃ ଡଃ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ରବି ରାୟ ଆଦି ନେତାମାନେ ବିଜୁ ପଟ୍ଟନାୟକଙ୍କ ସହିତ ମିଳିତ ହୋଇ "ପ୍ରଗତି ଦଳ" ଗଠନ କରାଗଲା। ସେତେବେଳେ ଜବାବ ମୁତାବକ ଗଙ୍ଗାଧର ଦାସଙ୍କୁ ପ୍ରଗତି ଦଳରୁ ଚାନ୍ଦବାଲି ପାଇଁ ଟିକେଟ ଦିଆଗଲା। ତେବେ, ବୈରାଗୀ ଜେନା ଦଳର ବିଶ୍ୱସ୍ତ ଓ ଶୃଙ୍ଖଳିତ ନିମିତ୍ତମାତ୍ର ସୈନିକ ଭାବରେ ସାମାନ୍ୟତମ ପ୍ରତିବାଦ ମଧ୍ୟ କଲେ ନାହିଁ। ବର୍ତ୍ତମାନର ମନ୍ତ୍ରୀ ରାଜା ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଆଦି ତତ୍କାଳୀନ ନେତାମାନଙ୍କ ପ୍ରଚେଷ୍ଟା ଫଳରେ ବୈରାଗୀ ଜେନା ଅନ୍ୟ ଏକ ଭଣ୍ଡାରୀପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ "ପ୍ରଗତି ଦଳ"ରୁ ପ୍ରାର୍ଥୀ ହୋଇ ବିପୁଳ ଭୋଟରେ ବିଜୟ ହାସଲ କରିଥିଲେ। ଏହାପୂର୍ବରୁ ଭଦ୍ରକ ପୌର ନିର୍ବାଚନରେ ପ୍ରାର୍ଥୀ ହୋଇ ଜିତିଥିଲେ। ସେଥିପାଇଁ କୁହାଯାଏ ପ୍ରହ୍ଲାଦ ମଲିକ, ଲକ୍ଷ୍ମଣ ମଲିକ ଓ ବୈରାଗୀ ଜେନା ଦଳିତ ବ୍ୟକ୍ତିତ୍ୱ ହୋଇଥିଲେ ମଧ୍ୟ ନିଜ ରାଜନୈତିକ ପ୍ରତିଭା ପାଇଁ ସର୍ବଜନଆଦୃତ ଥିଲେ।

୧୯୭୭ ଜନତା ପାର୍ଟି ଟିକେଟରେ ଭଦ୍ରକ ଲୋକସଭା (ସଂରକ୍ଷିତ) ଆସନରେ ବିପୁଳ ଜନସମର୍ଥନ ପାଇ ନିର୍ବାଚିତ ହେଲେ। ୧୯୮୦ ଓ ୧୯୮୫ରେ ଚାନ୍ଦବାଲି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ପରାଜିତ ହେଲେ।

ପୁଣି ୧୯୯୦ରେ ବିଜୁ ପଟ୍ଟନାୟକଙ୍କର ଅତିପ୍ରିୟ ଦଳିତ, ନିଷ୍ପେସିତ ବ୍ୟକ୍ତିତ୍ୱ ଭାବରେ "ଜନତା ଦଳ" (ଚକ୍ର ଚିହ୍ନ) ଟିକେଟରେ ଲଢ଼ି କଂଗ୍ରେସ ପ୍ରାର୍ଥୀ ନେତ୍ରାନନ୍ଦ ମଲିକଙ୍କୁ ହରାଇ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଏହି ବିଭାଗକୁ ପରିବର୍ତ୍ତନ କରି ବିଜୁ ପଟ୍ଟନାୟକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିଲେ। ସମ୍ପୃକ୍ତ ଏହି ନିର୍ବାଚନରେ ବୈରାଗୀ ଜେନା ପ୍ରାର୍ଥୀ ହେବେନାହିଁ ବୋଲି କହି ବିଜୁବାବୁଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବିଜୁ ପଟ୍ଟନାୟକ ସେତେବେଳେ ବିରକ୍ତି ଭାବରେ କାହିଁକି ମନାକରୁଛ ବୋଲି ପଚାରିବାରେ ବୈରାଗୀ ଜେନା ମୋ ପାଖରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସମ୍ବଳ ନାହିଁ ବୋଲି ରୋକଠୋକ ଶୁଣାଇଥିଲେ। ବିଜୁ ପଟ୍ଟନାୟକ କହିଲେ କେତେ ଟଙ୍କା ହେଲେ ତୁମେ ଜିତିପାରିବ? ଉତ୍ତର ଥିଲା ସାର୍ ମାତ୍ର ପାଞ୍ଚ ସାତ ଲକ୍ଷ ମଧ୍ୟରେ ହେଲେ ମୁଁ ଜିତିପାରିବି। ବିଜୁ ପଟ୍ଟନାୟକଙ୍କର ବିଶାଳ ହୃଦୟକୁ ସେତେବେଳେ ବୈରାଗୀ ଜେନା ଚିହ୍ନି ପାରିଥିଲେ। ବିଜୁ ପଟ୍ଟନାୟକ ବିରକ୍ତି ଭାବରେ କହିଲେ ନୋ ନୋ ଏତିକିରେ ଜିତିପାରିବ ନାହିଁ। ମୁଁ ୧୨ ଲକ୍ଷ ଟଙ୍କା ଦେବି, ତୁମେ ଜିତିଲେ ମନ୍ତ୍ରୀ ହେବ, ଯାଅ। ମୁଁ ସେହି ସମୟରେ ବୈରାଗୀ ଜେନାଙ୍କ ସହିତ ଯାଇଥାଏ। ମୁଁ ଅବଶ୍ୟ ତଳେ ଥାଏ। ବିଜୁବାବୁଙ୍କ ରୋଷେଇଆ ସ୍ୱର୍ଗତଃ ଖଇରାତି ଭାଇ ସହିତ ସକାଳୁଆ ଚା ପିଉଥାଏ। ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରି ଫେରିବା ପରେ ପ୍ରାର୍ଥୀ ହେବା ପାଇଁ ନିଷ୍ପତ୍ତି ନିଆଗଲା। ସେହି ସମୟରେ ବୈରାଗୀ ଜେନା ପ୍ରାର୍ଥୀ ହୋଇ ଜିତିଲା ପରେ ମନ୍ତ୍ରୀ ହେଲେ ସତ କିନ୍ତୁ ଦୁର୍ଭାଗ୍ୟର କଥା-କେତେକ ସ୍ୱାର୍ଥାନ୍ୱେଷୀ, ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇ ସରଳ, ନିଷ୍କପଟ ଓ ଅଳ୍ପକେରେ ସନ୍ତୁଷ୍ଟ ଦରିଦ୍ର ମଣିଷଟି ଅଯଥା ବଦନାମର ବୋଝ ମୁଣ୍ଡାଇଲେ। ଅନ୍ୟମାନେ ପଣସ ଖାଇ ତାଙ୍କ ମୁଣ୍ଡରେ ଅଠା ବୋଳିଲେ। ତାଙ୍କୁ ବଦନାମ କଲେ ବୋଲି ଏକଥା କେବଳ ବିଜୁ ପଟ୍ଟନାୟକ ନୁହେଁ, ସାଧାରଣ ଲୋକମାନେ ମଧ୍ୟ ହୃଦୟଙ୍ଗମ କଲେ। ତାଙ୍କର ପାଖ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରି ଖାଇଗଲେ। ବୈରାଗୀ ଜେନା ଯେଉଁ ବୈରାଗୀ ସେହି ବୈରାଗୀ ଭାବରେ ଜୀବନ ଗଲା। ୧୯୯୫ରେ ଅଞ୍ଚିଛୁରୀ ତଣ୍ଟି କାଟିଲା ପରି ଚକ୍ରାନ୍ତ କରାଗଲା ଓ ସେ ପୁଣି ପରାସ୍ତ ହେଲେ। ତା'ପରେ ଆସିଗଲା ବିପର୍ଯ୍ୟସ୍ତ। ଦୀର୍ଘଦିନର ରାଜନୈତିକ ଜୀବନରେ ସେ ବହୁ କଷ୍ଟ ଓ ଅଯଥାରେ ଶତ୍ରୁ ସୃଷ୍ଟି କରିଥିଲେ। ଯେଉଁମାନେ ସୁଦିନରେ ତାଙ୍କ ପାଖରେ ମାଳ ମାଳ ହୋଇ ବୁଲୁଥିଲେ ସେମାନେ ତାଙ୍କ ପାଖ ବି ମାଡ଼ିଲେ ନାହିଁ। ଏହି ନିଃସ୍ୱାର୍ଥପର ବ୍ୟକ୍ତିଟି ନିଜର ବାସସ୍ଥାନ ପାଇଁ ଭିଟାମାଟିରେ ଖଣ୍ଡିଏ ପକ୍କା ଘର ତ' ଦୂରର କଥା, ଖଣ୍ଡେ ମାଟି ଘର ବି କରିପାରି ନଥିଲେ। ୧୯୭୭ ମସିହାରେ ମନ୍ତ୍ରୀ ସ୍ୱର୍ଗତଃ ନଟବର ପ୍ରଧାନଙ୍କ ଦାନ ଓ ପ୍ରଚେଷ୍ଟାରେ ଯେଉଁ ଘର ଖଣ୍ଡିଏ କରିଥିଲେ ତାହା ମଧ୍ୟ ତାଙ୍କ ନିଜ ନାମରେ ନଥିଲା। ଏପରିକି ଭଦ୍ରକ ଟାଉନ କିମ୍ବା ତିହିଡ଼ି ବଜାରରେ ଖଣ୍ଡେ ଜାଗାଟିଏ ବି କିଣିପାରି ନଥିଲେ। ଭଦ୍ରକ ସହରଠାରୁ ଆଠ କିଲୋମିଟର ଦୂରରେ ୯୫ ଡ଼ିସିମିଲ ଜାଗା କିଣି କୁଡ଼ିଆ ଘର କରି ରହୁଥିଲେ। ପୁରୁଣା ଆମ୍ବାସାଡ଼ର କାର୍ କିଣିଥିଲେ ୨୫ ହଜାର ଟଙ୍କା ଦେଇ ଯାହା ମନ୍ତ୍ରୀ ଥିଲାବେଳେ। ଟି.ଏ.ରୁ ସମୁଦାୟ ଟଙ୍କା ଶୁଝିପାରି ନଥିଲେ। ସରକାର ଗଲା ପରେ ଭଡ଼ାରେ ଚଳାଇ ପେଟ ପୋଷିବା ପାଇଁ ତାହା ଏକମାତ୍ର ସମ୍ବଳ ଥିଲା। ଶେଷରେ ତାକୁ ବି ବିକ୍ରି କରି କିଛିଦିନ ଚଳିଲେ। ଭଣ୍ଡାରୀପୋଖରୀ ବଜାରରେ ୭୨୨୭ ଗାଡ଼ି ନମ୍ବର ଭଡ଼ା ପାଇଁ ଠିଆ ହୋଇଥିବା ବେଳେ ମୁଁ ଦେଖିଲେ ଛାତି ଫାଟିଯାଏ। ଏତେଦିନର ରାଜନୈତିକ ଜୀବନରେ ଗୋଟିଏ ପୁଅକୁ ବି ଚାକିରୀ ଖଣ୍ଡିଏ ଦେଇପାରିଲେ ନାହିଁ ବା ବେପାର କରିବା ପାଇଁ ଗୋଟିଏ ଟଙ୍କା ମଧ୍ୟ ଯୋଗାଇ ପାରିଲେ ନାହିଁ। ସତରେ ମଝି ଦରିଆରେ ଭସାଇ ପିଲାଗୁଡ଼ିକୁ ଛାଡ଼ି ଚାଲିଗଲେ। ସାରା ଜୀବନ ନିଜେ ଜଳି ଅନ୍ୟକୁ ଆଲୋକ ଦେବାରେ ଅଭ୍ୟସ୍ତ ଲୋକଟା। କ୍ଷମତା ପାଇଲାମାତ୍ରେ କିଛି ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇଯାଆନ୍ତି। କ୍ଷମତା ଚାଲିଗଲା ପରେ ଯେଉଁ ଏକାକୁ ସେହି ଏକୁଟିଆ। ପୁଣି କ୍ଷମତାକୁ ଆସେ, ପୁଣି ସେଇମାନେ ଆସନ୍ତି। ପୁଣି କ୍ଷମତା ଯାଏ, ସେମାନେ ଦୂରେଇ ଯାଆନ୍ତି। ଗଲାଦିନର ଅଭିଜ୍ଞତାରୁ କିଛି ଶିକ୍ଷା ପାଇଲା ପରି ମନେହେଉ ନ ଥିଲା। "ବାୟା ଚଢ଼େଇର କି ଯାଏ, ବାଆ ହେଲେ ବସା ଦୋହଲୁଥାଏ" ପରି ସେ ନିର୍ବିକାର ବୈରାଗୀଟିଏ ଥିଲେ। ତାଙ୍କର ବଡ଼ପୁଅ ଅମୂଲ୍ୟ ଭାଇ ଦିନେ କହିଥିଲେ, ଭଗବାନଙ୍କୁ ଡ଼ାକୁଛି ମୋର ପିତା ଆଉ ପୁନର୍ଜନ୍ମ ଲାଭ ନ କରନ୍ତୁ। ଯଦି ବା ପୁଣି ଜନ୍ମ ନିଅନ୍ତି, ତେବେ ଏହିଭଳି ବରଡ଼ା ଛତା ଧରି ବୈରାଗୀ ହୁଅନ୍ତୁ। ସଂସାର ନ କରନ୍ତୁ। ମଣିଷ ତ ଭୁଲ୍ କରେ। ସତେ ଯେମିତି ଭୁଲ୍ କରିବାକୁ ମଣିଷ ଜନ୍ମ ହୁଏ। ମଣିଷ କ'ଣ? ଦେବତା ବି ମଣିଷ ଦେହ ଧରି ଜନ୍ମ ହେଲେ ଭୁଲ୍ କରନ୍ତି। ଅବଶ୍ୟ ସମାଜକୁ ସେଥିରୁ କିଛି ଶିକ୍ଷା ମିଳେ। ସେ ଗଲେ ମୁଁ ବି ଯିବି, କିନ୍ତୁ ବୈରାଗୀ ଜେନାଙ୍କ ସାଧାରଣ, ପାରିବାରିକ ଓ ରାଜନୈତିକ ଜୀବନରୁ ବହୁତ ଆଦର୍ଶ ଶିକ୍ଷା ଲାଭ କରିବାର ଓ ସାବଧାନ ହେବାର ଆବଶ୍ୟକତା ରହିଛି ବୋଲି ମୁଁ ଅନୁଭବ କରୁଛି।

*-ପୂର୍ବତନ ରାଜ୍ୟ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭାପତି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ସାମ୍ବାଦିକ "ଇଣ୍ଡିଆନ୍ ନ୍ୟୁଜ୍ ମୁମ୍ବାଇ", ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨*
*ମୋ : ୭୮୪୮୮୯୮୪୫୬*

# ସକଳ ତୀର୍ଥ ତୋ ଚରଣେ...

ଇସଲାମର ପାଂଚଗୋଟି ମୌଳିକ ନୀତି ମଧ୍ୟରୁ ହଜ ଅନ୍ୟତମ। ହଜ୍ ଏକ ସୁସ୍ଥ ପରମ୍ପରା, ନିର୍ମଳ ଓ ଶୁଦ୍ଧପୁତ ଉପାସନା। ହଜ କରିବା ପାଇଁ ସୁସ୍ଥବାନ ହେବା, କୌଣସି ଭୟର ଶଂକା ନରହିବା, ଯାତ୍ରାରେ କୌଣସି ବାଧାବିଘ୍ନ ନ ଉପୁଜିବା ତଥା ପରିବାରବର୍ଗଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତବ୍ୟକୁ ପୂରଣ କରି ହଜ କରି ଯିବା ଉଚିତ୍। ପବିତ୍ର କୋରାନ ଅନୁସାରେ ମକ୍କା ସହରର କାବା ଉପାସନ ଗୃହ ଅଲ୍ଲାଃଙ୍କ ପାଇଁ ପୃଥିବୀପୃଷ୍ଠର ସର୍ବପ୍ରଥମ ଉପାସନା ଗୃହ ନିର୍ମିତ ହୋଇଥିଲା। ଏହା ପୁରାଣବର୍ଣ୍ଣିତ ଆଦ୍ୟ





ଅବତାର 'ଆଦିତି' ବା ଆଦମଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା ଏବଂ ତାଙ୍କ ବଂଶଧରମାନେ ଏହାକୁ ଏକ ଉପାସନା କେନ୍ଦ୍ର ଭାବରେ ବ୍ୟବହାର କରିଥିଲେ। ପରେ ପ୍ରାୟ ୪୦୦୦ ବର୍ଷ ପୂର୍ବେ ହଜରତ ଇବ୍ରାହମ ନିଜ ପୁତ୍ର ଇସମାଇଲଙ୍କ ସହାୟତାରେ ଏହି ଗୃହର ଧ୍ୱଂସାବଶେଷର ପୁନଃନିର୍ମାଣ କରିଥିଲେ। ଷଷ୍ଠ ଶତାବ୍ଦୀରେ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ସମୟ କାଳରେ ଅଲ୍ଲାଃଙ୍କ ନିର୍ଦ୍ଦେଶକ୍ରମେ ପୁନର୍ବାର ଏହାକୁ ଉଦ୍ଧାର କରି ଏକେଶ୍ୱରବାଦର ଉପାସନା କରାଯାଇଥିଲା। ଆଦିମ ମାନବ ଜାତିର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସମୂହକୁ ପୁନଶ୍ଚ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରିଥିଲେ। ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ କାଳକ୍ରମେ ଇସଲାମର ଖଲିଫାଗଣ ଏବଂ ତାଙ୍କ ପରେ ମୁସଲମାନ ଶାସକମାନଙ୍କ ସେବା ଓ ଶାସନ ଦ୍ୱାରା ମକ୍କା ଏକ ସୁନ୍ଦର ଓ ଖୁବ ମନୋରମ ସହର ଭଳି ଗଢ଼ି ଉଠିଥିଲା।

ପବିତ୍ର କୋରାନ ଶିକ୍ଷା ଅନୁଯାୟୀ ହଜ୍ କରିବା କେବଳ ମୁସଲମାନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇନାହିଁ। ବରଂ ଯେକେହି ବ୍ୟକ୍ତି, ସେ ଯେକୌଣସି ଧର୍ମାବଲମ୍ବୀ ହୋଇଥାଉ ନା କାହିଁକି, ସେହି ପୂଣ୍ୟପୀଠରେ ଦର୍ଶନ କରିବାକୁ ଇଚ୍ଛା କଲେ ସେ ସେଠାକୁ ଯିବାପାଇଁ ଅନୁମତି ପାଇପାରିବ। ଇସଲାମ ସାର୍ବଜନୀନ ଧର୍ମ ଏବଂ ହଜ ମଧ୍ୟ ସାର୍ବଜନୀନ ଉପାସନା। ଏହା କୌଣସି ଜାତି, ଧର୍ମର ଭେଦଭାବ ରଖେନାହିଁ। ପୂର୍ବରୁ ଇହୁଦି ଓ ଜୋରାଷ୍ଟ୍ରିୟାନ ଆଦି ଧର୍ମାବଲମ୍ବୀ ସେଠାକୁ ଯାଇ ହଜ କରୁଥିଲେ। ପବିତ୍ର କୋରାନ କୁହେ, "ସର୍ବ ପ୍ରଥମ ଗୃହ, ଯାହା ସମସ୍ତଙ୍କ



ଲାଭ ପାଇଁ ନିର୍ମାଣ କରାଯାଇଛି, ତାହା ମକ୍କାରେ ଅବସ୍ଥିତ। ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ। ଯେ କେହି ଏଥିରେ ପ୍ରବେଶ କରେ ସେ ସୁରକ୍ଷିତ ହୋଇଯାଏ। ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ ଯାତ୍ରାରେ ଆସିବା ବିଧେୟ କରିଛନ୍ତି।"

ଏହି ଉପାସନା ଗୃହ କାବାକୁ ଆରବୀ ଭାଷାରେ 'ବୈତୁଲ୍ଲାଃ' ବା ଅଲ୍ଲାଃଙ୍କ ଘର କୁହନ୍ତି। ଏହାର ଗଠନ ଶୈଳୀ ଅତି ସାଧାରଣ। ଚାରିକୋଣିଆ ବର୍ଗାକାର ପଥର ଘରଟିଏ। ଉଚ୍ଚତା ୧୫.୨୫ ମିଟର। ଏହି ଶାଶ୍ୱତ ବାଣୀ ମାଧ୍ୟମରେ ଅଲ୍ଲାଃ ଘୋଷଣା କରିଛନ୍ତି, ସାର୍ବଜନୀନ ଭାବେ ଯେ କେହି ଏହି ବୈତୁଲ୍ଲାଃର ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତ୍ତା ବଳୟ ମଧ୍ୟରେ ଆସିଯିବ। ମନରେ ଆତ୍ମଗ୍ଲାନୀ ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ। ଯେ କେହି ବି ସେହି ପୀଠର ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ। ଏହି ମହିମା ପୀଠ ମକ୍କା ସହରକୁ ଉମ୍ମୁଲ୍ କୁରା ଅର୍ଥାତ୍ ସହରର ମାଁ କୁହାଯାଏ। ଏହା ପୃଥିବୀର ଏପରି ଏକ ପବିତ୍ର ସ୍ଥାନ, ଯେଉଁଠାରେ ଅହର୍ନିଶୀ ଚବିଶ ଘଂଟା ଉପାସନା କରାଯାଉଛି। ପୃଥିବୀପୃଷ୍ଠରେ ଅସଂଖ୍ୟ ପୁରାତନ କୀର୍ତି ଓ ସହର ନିଶ୍ଚିହ୍ନ ହୋଇଯାଇଥିଲେ ମଧ୍ୟ କାବା ଓ ମକ୍କା ସହର ଅଦ୍ୟାବଧି ସେହିପରି ବିଦ୍ୟମାନ ଥାଇ ନିଜ ନିରାପତ୍ତାର ଘୋଷଣା କରୁଛି।

ଇସଲାମୀୟ ଦର୍ଶନ ଅନୁଯାୟୀ ମସଜିଦରେ ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ଲୋକେ ନିଜ ପଦ୍ଧତିରେ ଉପାସନା କରିପାରିବେ। କାରଣ ଦିବ୍ୟ ଅବତାର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ମଦିନାର ଏକ ମସଜିଦରେ ଇହୁଦିଙ୍କୁ ଉପାସନା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି କାରଣରୁ ପରମେଶ୍ୱର ଧର୍ମ



ସଂକୀର୍ଣ୍ଣତାକୁ ପରିହାର କରି ସମଗ୍ର ମାନବ ଜାତି ପାଇଁ ହଜ ଯାତ୍ରାକୁ ସାଧାରଣ କରିଦେଇଛନ୍ତି। ପବିତ୍ର କୋରାନରେ 'ସକଳ ମାନବ' କହି ସବୁ ଲୋକଙ୍କ ପାଇଁ ସେ ଉପାସନା ଗୃହ ଉନ୍ମୁକ୍ତ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ କି ଯେ, ସାମ୍ପ୍ରଦାୟିକତା ଓ ମୌଳବାଦକୁ ସମାପ୍ତ କରି ପବିତ୍ର କୋରାନ ଶିକ୍ଷା ଦୃଷ୍ଟିରୁ କାବାର କଲ୍ୟାଣ, ହଜ୍‌ର ଉଦ୍ଦେଶ୍ୟ ତଥା ମହତ୍ୱକୁ ଜନସାଧାରଣଙ୍କ ହିତ ପାଇଁ ପ୍ରଚଳନ କରିବା ଉଚିତ। ଅଯଥା କଟକଣା ଲାଗୁ କରିବା ଏବଂ ହଜ୍ ପରି ମହାପୂଣ୍ୟ କାର୍ଯ୍ୟରେ ପ୍ରତିବନ୍ଧ ସୃଷ୍ଟି କଲେ ମାନବିକତା କ୍ଷୁର୍ଣ୍ଣ ହେବ। ସେ ଗୃହର ପ୍ରାଣକେନ୍ଦ୍ର ସମଗ୍ର ଜୀବଜଗତ ପାଇଁ ଚରମୋନ୍ନତିର ମାର୍ଗସ୍ଥଳୀ - ଈଶ୍ୱରଙ୍କ କରୁଣାର ଉତ୍ସ। ହଜ୍‌ର ମହାନ ପରମ୍ପରା ନିଶ୍ଚିତ ଭ୍ରାତୃତ୍ୱର ବନ୍ଧନରେ ବିଶ୍ୱକୁ ପରିବେଷ୍ଟନ କରି 'ବସୁଧୈବ କୁଟୁମ୍ବକମ'ର ଭାବ ଉଦ୍ରେକ କରିବାରେ ସହାୟକ ହେବ। ମଦିନାବାସୀଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର 'ସଲାମ'ର ବାର୍ତା ବହନ କରି ଯାଇଥିବା ହାଜୀମାନଙ୍କୁ ସେଠାରୁ ସର୍ବକୁଶଳରେ ନିରାପଦ ସହ ଫେରାଇ ଆଣନ୍ତୁ। ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହା ହିଁ ଆମର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା।

**ମୌଲାନା ଫଜଲ ହକ ଖାଁ**
*ଭୁବନେଶ୍ୱର, ମୋ: ୯୬୯୨୨୨୫୦୫୭*

## ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ଉଦଯାପିତ



କେନ୍ଦ୍ରାପଡ଼ା (ପିଏନ୍): ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ଦ୍ୱାରା କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଗତ ମାସ ୭ତାରିଖରୁ ଆରମ୍ଭ ହୋଇଥିବା ୧୦ ଦିନିଆ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ୮୬ଜଣ ଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷକଙ୍କଠାରୁ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ନଗରପାଳ ସରିତା ସାହୁ ଯୋଗଦେଇ କୃତି କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। କେନ୍ଦ୍ରାପଡାର ପିଲାମାନଙ୍କ ଭିତରେ ବିଭିନ୍ନ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ନୂତନ ଯୁବ କ୍ରୀଡାବିତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଭବିଷ୍ୟତରେ ଜଣେ ଜଣେ ସଫଳ କ୍ରୀଡାବିତ ସୃଷ୍ଟି କରିବା ଏହି ପ୍ରଶିକ୍ଷଣର ଲକ୍ଷ୍ୟ ବୋଲି କୋଚ ସୌକତ ଖାନ କହିଥିଲେ। ସମ୍ମାନୀତ ଅତିଥି ଭାବେ କାଉନସିଲର ସେକ ଅସଲମ ଯୋଗଦେଇଥିଲେ। କୋଚ ସସ୍ମିତା ପଣ୍ଡା, ମନୋଜ ସାହୁ, ଜ୍ୟୋତିର୍ମୟ ଦାସ, ସେକ ଆବାସ, ବଦ୍ରୀନାରାୟଣ ପତି ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ କୋଚ ସେକ ସୌକତ ଖାନ୍ ପ୍ରଶିକ୍ଷାର୍ଥୀମାନଙ୍କୁ କ୍ରୀଡାର ଭିନ୍ନ ଭିନ୍ନ କୌଶଳ ଓ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବୁଦ୍ଧିଜୀବୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୌକତ ଖାନ ପରିଚାଳନା କରିଥିଲେ।

## ୫ଟି ସେବା ସମବାୟ ସମିତିର ୧୯ ଗୋଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ୫ଗୋଟି ସେବା ସମବାୟ ସମିତିର ୧୯ ଗୋଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଅଭୟପୁର, ଗଡମଧୁପୁର, ମହିଶରା ସମବାୟ ସମିତିର ଡାଇରେକ୍ଟରମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଦେଓଦା ସମବାୟ ସମିତିର ୪ଟି, ଜେନାପୁର ୧ଟି, ରେଖିଦେଇପୁର ୧ଟି, କଂଟିଗଡିଆ ୫ଟି ଓ ଅରେଇକଣା ସମବାୟ ସମିତିର ୮ ଗୋଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଦେଓଦା ସମବାୟ ସମିତିର ଜୋନ ୨ରେ ସୁରେଶ ଚନ୍ଦ୍ର ନାୟକ, ଜୋନ-୫ରେ ଗୟାଧର ସେଠୀ, ଜୋନ-୬ରେ ନିତ୍ୟାନନ୍ଦ ମହାନ୍ତି, ଜୋନ-୧୪ରେ ଯୋଗେନ୍ଦ୍ର ମଲିକ ନିର୍ବାଚିତ ହୋଇଛନ୍ତି। ସେହିପରି ଜେନାପୁର ସମିତିର ୧୧ନଂ ଜୋନରେ ମାନସ ସାମଲ, ରେଖିଦେଇପୁର ସମିତିର ୮ନଂ ଜୋନରେ ଅମୁଲ୍ୟ ରାଉତ ନିର୍ବାଚିତ ହୋଇଛନ୍ତି। କଂଟିଗଡିଆ ସମବାୟ ସମିତିର ଜୋନ ନଂ ୧ରେ ସୁଭେନ୍ଦୁ ରାଉତ, ଜୋନ-୨ରେ ପୁର୍ଣ୍ଣଚନ୍ଦ୍ର ଜେନା, ଜୋନ-୬ରେ ଅନିରୁଦ୍ଧ ସ୍ୱାଇଁ, ଜୋନ-୭ରେ ଚନ୍ଦ୍ରକଳା ମହାପାତ୍ର, ଜୋନ ନଂ ୧୩ରେ ସରୋଜ କୁମାର ସାହୁ ପ୍ରମୁଖ ଡାଇରେକ୍ଟର ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ-ମାନେ ଘୋଷଣା କରିଛନ୍ତି।

## କୋଣାର୍କ ସେବା ସଙ୍ଗଠନ ପକ୍ଷରୁ ୭୩ତମ ବନମହୋତ୍ସବ ପାଳିତ




କୋଣାର୍କ (ପିଏନ୍): ଜୁଲାଇ ମାସର ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଛି ୭୩ତମ ସପ୍ତଦିବସୀୟ ବନମହୋତ୍ସବ। ଏହି ଅବସରରେ କୋଣାର୍କର ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ସଙ୍ଗଠନ' ପକ୍ଷରୁ ଗତ ଗୁରୁବାର ପୂର୍ବାହ୍ନ ୮ଟା ସମୟରେ କୋଣାର୍କ ସ୍ଥିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକୁ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଓ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ସହଯୋଗ କରିଥିଲେ। 'ସେବା ସଙ୍ଗଠନ'ର ସମ୍ପାଦକ କୁନାଲ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ବିଦୁଲତା ଶତପଥି, କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂରାତନ ଛାତ୍ରସଙ୍ଘର ସଭାପତି ହୃଦାନନ୍ଦ ସେଠୀ, ଯୁବନେତା ଗୋପିନାଥ ସ୍ୱାଇଁ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳର କର୍ମଚାରୀଙ୍କ ସମେତ ସେବା ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ଶିକ୍ଷାଶ୍ରମ ପରିସରରେ ବର, ଅଶ୍ୱତ୍‌ଥ, ଫାଶି, ବାଲିଶିଶୁ, ଲିମ୍ବ, ରକ୍ତଚନ୍ଦନ, କଦମ୍ବ, କୃଷ୍ଣଚୁଡା, ପେସ୍ତା, ରାଧାଚୁଡା ଓ ଗଙ୍ଗଶିଉଳି ଇତ୍ୟାଦି ଛାୟାପ୍ରଦାୟୀ ଦୀର୍ଘଜୀବୀ ବୃକ୍ଷ ରୋପଣ କରିଥିଲେ। ବୃକ୍ଷ ବଞ୍ଚିଲେ ଏ ଜୀବଜଗତ ବଞ୍ଚିରହିବା ସହିତ ଗ୍ଲୋବାଲ ୱାର୍ମିଂ ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପତ୍ତିରୁ ରକ୍ଷାପାଇପାରିବେ ବୋଲି ଅତିଥିମାନେ ବୃକ୍ଷରୋପଣ ସମୟରେ ମତପୋଷଣ କରିଥିଲେ। ବର୍ଷାଋତୁ ସମୟରେ ସେବା ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରିବା ଉଦ୍ୟମକୁ ପରିବେଶବିତ୍‌ମାନେ ସ୍ୱାଗତ କରିଛନ୍ତି।

## ଗାୟକ ବସନ୍ତ ରାଉତଙ୍କ ୬୬ତମ ଜୟନ୍ତୀ ଉତ୍ସବ



କୋଣାର୍କ (ପିଏନ୍): 'ପାଲା' କୌଣସି ଏକ ଶସ୍ତା ମନୋରଂଜନ ନୁହେଁ। ଓଡିଶାର ପରମ୍ପରା, ସଂସ୍କୃତି, ଭାଷା, ସାହିତ୍ୟ, ସଂଗୀତ ଓ ଆଧ୍ୟାତ୍ମିକ ଚିନ୍ତାଚେତନାର ପ୍ରଚାର ପ୍ରସାର କରୁଥିବା 'ପାଲା' ମର୍ଯ୍ୟାଦାସଂପନ୍ନ ମନୋରଂଜନ ମାଧ୍ୟମରେ ମଣିଷ ସମାଜକୁ ନୈତିକ ମୂଲ୍ୟବୋଧର ପାଠ ପଢାଇଥାଏ। ଦେବଭାଷା ସଂସ୍କୃତରେ ରଚିତ ଭାରତୀୟ ବାଙ୍ମୟର ଭଣ୍ଡାରକୁ ମାତୃଭାଷାରେ ତର୍ଜମା କରି ରସସିକ୍ତ ମନୋରଂଜନ ମାଧ୍ୟମରେ ପରିବେଷଣ କରିବାର କଳା ପାଲା ଗାୟକମାନଙ୍କୁ ସମାଜରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି ଗତ ବୁଧବାର ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅର୍କମଣ୍ଡଳ ପାଲା ଗାୟକ ପରିଷଦ ପକ୍ଷରୁ ଗାୟକ ଆନନ୍ଦ ବସନ୍ତ କୁମାର ରାଉତଙ୍କ ୬୬ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ବିଶିଷ୍ଟ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି। ଅଖଣ୍ଡ ପୁରୀ ଜିଲ୍ଲା ପାଲା ଗାୟକ ପରିଷଦର ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ଉପସଭାପତି ବିନାୟକ ରଥ, ନିର୍ଦ୍ଦେଶକ ଅମୀୟ କୁମାର ପଟ୍ଟନାୟକ, ଗାୟକ ସାରସ ସୁଦର୍ଶନ ମହାପାତ୍ର, ଗାୟକ ଅରୁଣ ଚକ୍ରଧର ବାରିକ, ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ ରାଉତ, ଗାୟକ ଲଳିତ ଉପେନ୍ଦ୍ର ବେହେରା, ଗାୟକ ଚନ୍ଦନ ଉପେନ୍ଦ୍ର ସ୍ୱାଇଁ, ଗାୟକ ଅତିବଡି ମଙ୍ଗରାଜ ବିଶ୍ୱାଳ, ଜୟଚନ୍ଦ୍ର ବଡଦଳେଇ, ବଂଶୀଧର ଦାଶ, ତ୍ରିଲୋଚନ ନାୟକ, ବାଉରିବନ୍ଧୁ ସାହୁ, ସୁବଳ ବେହେରା, ପ୍ରଦ୍ୟୁମ୍ନ ପାତ୍ର, ଦଣ୍ଡପାଣି ବାରିକ, ଅର୍ଜ୍ଜୁନ ସାମନ୍ତରା ଓ ବସନ୍ତ ମଙ୍ଗରାଜ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, ପାଲାଗାୟକ ଓ ସଂଗଠକରୂପେ ପରିଚିତ ଗାୟକ ଆନନ୍ଦ ବସନ୍ତ ରାଉତଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିବା ସହିତ ତାଙ୍କର ନିରାମୟ ଦୀର୍ଘଜୀବନ କାମନା କରିଥିଲେ। ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ପାଲାକାରମାନଙ୍କୁ ସମସ୍ତ ପ୍ରକାର ନିଶାସେବନଠାରୁ ଦୂରରେ ରହି ଆଚରଣସିଦ୍ଧ ସଚ୍ଚରିତ୍ରବାନ ବ୍ୟକ୍ତିତ୍ୱରୂପେ ନିଜ ନିଜକୁ ଜନମାନସରେ ଉପସ୍ଥାପିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପାଲା ସଂସ୍କୃତିର ଅବକ୍ଷୟକୁ ନେଇ ବିଦ୍ୱାନମାନେ ଚିନ୍ତାବ୍ୟକ୍ତ କରିବା ସହିତ ଏହାର ହୃତ୍‌ଗୌରବକୁ ପୁନଃସ୍ଥାପିତ କରିବା ନିମନ୍ତେ ପାଲାକାରଙ୍କ ନୀତିନିଷ୍ଠ ଉଦ୍ୟମ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଂଚଳର ଶତାଧିକ ଶିକ୍ଷକ, ସାହିତ୍ୟିକ ଓ ପାଲାପ୍ରେମୀ ଯୋଗ ଦେଇଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୨୬

# ସାଧାରଣତନ୍ତ୍ର ଦିବସ ଓ ଆମ ସମ୍ବିଧାନ


ଯଜାତି କେଶରୀ ନାୟକ

ଭାରତବର୍ଷରେ ଦୁଇଟି ଦିନକୁ ଜାତୀୟ ଦିବସ ରୂପେ ପାଳନ କରାଯାଏ – ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସ । ଦୁଇଟି ଯାକ ଆମ ପାଇଁ ପବିତ୍ର ଏବଂ ମହତ୍ତ୍ୱପୂର୍ଣ୍ଣ । ୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଗାଣତାନ୍ତ୍ରିକ ରାଷ୍ଟ୍ର ଭାବେ ଘୋଷିତ ପାଇଁ ସମ୍ବିଧାନ ପ୍ରଣୟନ କରାଯାଇଥିଲା । ସମ୍ବିଧାନ ଜରିଆରେ ଭାରତବର୍ଷର ଏକତା ଅଖଣ୍ଡତା ରକ୍ଷା କରାଯାଇଛି । ଆମ ସମ୍ବିଧାନ ସମସ୍ତ ନାଗରିକଙ୍କୁ ରାଜନୈତିକ ଓ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି । ଏହାଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସଂଭବ ହୋଇଛି । ଭାରତୀୟ ସମ୍ବିଧାନ ବିଶ୍ୱର ଅନ୍ୟତମ ପ୍ରମୁଖ ସମ୍ବିଧାନ । ଆମ ସମ୍ବିଧାନରେ ଯେଉଁସବୁ କଥା କୁହାଯାଇଛି ଏବଂ ଯେଉଁସବୁ ବିଷୟମାନ ରହିଛି, ତାହାକୁ ବହୁ ସଭ୍ୟ ରାଷ୍ଟ୍ର ଗ୍ରହଣ କରିଛନ୍ତି । ଆମ ସମ୍ବିଧାନ ଆମକୁ ଦେଇଛି ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା । ସମ୍ବିଧାନ ଆମକୁ ସବୁ ମତ ଓ ଧର୍ମକୁ ସମ୍ମାନ ଦେବା ପାଇଁ ଶିକ୍ଷା ଦେଉଛି । ଭାରତର ସାଂସ୍କୃତିକ ଏକତା ଏଥିରେ ପ୍ରସ୍ଫୁଟିତ । ପୁଣି ବ୍ୟକ୍ତି ସ୍ୱାଧୀନତା ହେଉଛି ଆମ ସମ୍ବିଧାନର ଅନ୍ୟତମ ମୂଳମନ୍ତ୍ର । ଏହାର ମୂଲ୍ୟବୋଧ କୁ ସମଗ୍ର ବିଶ୍ୱ ସ୍ୱୀକାର କରେ । ଆଜକୁ ଚଉଷଠି ବର୍ଷ ତଳେ ନୂଆଦିଲ୍ଲୀର ବ୍ୟବସ୍ଥାପକ ସଭା ଗୃହରେ ୨୭୧ ଜଣ ନିର୍ବାଚିତ ପୁରୁଷ ଓ ମହିଳା ପ୍ରତିନିଧି ସ୍ୱାଧୀନ ଭାରତର ସମ୍ବିଧାନକୁ ସ୍ୱୀକୃତି ଦେଇଥିଲେ । ସେମାନଙ୍କର ତିନି ବର୍ଷର ମିଳିତ ଉଦ୍ୟମରେ ଲେଖାହୋଇଥିଲା ବିଶ୍ୱର ସର୍ବବୃହତ୍ ସମ୍ବିଧାନ । ନବେ ହଜାର ଶବ୍ଦ ଥିଲା ଭାରତୀୟ ସମ୍ବିଧାନ ଉଭୟ ଇଂଲିଶ ଏବଂ ହିନ୍ଦୀ ଭାଷାରେ ରଚିତ ହୋଇଥିଲା । ସେହି ବିଶାଳ ପୁସ୍ତକର ପୃଷ୍ଠାଗୁଡ଼ିକ ଚିତ୍ରିତ ଥିଲା । ଶାନ୍ତିନିକେତନର ବିଶିଷ୍ଟ ଚିତ୍ରଶିଳ୍ପୀ ନନ୍ଦଲାଲ ବସୁ ଭାରତୀୟ ଇତିହାସ ଆଧାରରେ ଚିତ୍ରଗୁଡ଼ିକ ଆଙ୍କିଥିଲେ । ସ୍ୱାଧୀନତା ପରେ 'କ୍ୟାବିନେଟ୍ ମିସନ୍ ପ୍ଲାନ୍' ଅନୁଯାୟୀ ସମ୍ବିଧାନ ରଚନା କରିବା ନିମନ୍ତେ ସାମ୍ବିଧାନିକ ସଭା ଗଢାଯାଇଥିଲା । ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ନିର୍ବାଚିତ ଏବଂ ମନୋନୀତ ପ୍ରତିନିଧିମାନେ ଏହି ସଭାର ସଦସ୍ୟ ହୋଇଥିଲେ । ବିଆର୍ ଆମ୍ବେଦକର, ଶ୍ୟାମା ପ୍ରସାଦ ମୁଖାର୍ଜୀ, କେଏମ୍ ମୁନ୍ସୀ, ଜବାହାରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମୌଲାନା ଆବୁଲ କଲାମ ଆଜାଦ, ଆଲ୍ଲାଡି କୃଷ୍ଣସ୍ୱାମୀ ଆୟାର, ଏନ୍ ଗୋପାଳସ୍ୱାମୀ ଆୟେଙ୍ଗାର, ଜେରୋମ୍ ଡି'ସୁଜା ପ୍ରମୁଖ ସେହି ସାମ୍ବିଧାନିକ ସଭାର ସଦସ୍ୟ ଥିଲେ । ଅଭିଜ୍ଞ ପ୍ରଶାସକ ତଥା ଆଇସିଏସ୍ ଅଧିକାରୀ ବିଏନ୍ ରାଉଙ୍କୁ ପରାମର୍ଶଦାତା ଭାବେ ଗ୍ରହଣ କରାଯାଇଥିଲା । ରାଉ ୧୯୪୮ର ଚିଠା ସମ୍ବିଧାନ ପ୍ରସ୍ତୁତ କରିଥିଲେ । ସେଇଟିକୁ ଆମ୍ବେଦକରଙ୍କ ନେତୃତ୍ୱରେ ଚିଠା କମିଟି ସଂଶୋଧିତ କରିଥିଲା । ଅନ୍ୟୁନ ଦୁଇ ହଜାର ସଂଶୋଧନ ପରେ ଚିଠା କମିଟି ସେଇଟିକୁ ଚୂଡ଼ାନ୍ତ ରୂପ ଦେଇଥିଲା । ୧୯୫୦ ଆଜି ଦିନରେ ପ୍ରଥମେ ସର୍ବସମ୍ମତିକ୍ରମେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ରାଷ୍ଟ୍ରପତି କରାଯିବା ପରେ ସେ ସଦସ୍ୟମାନଙ୍କୁ ସମ୍ବିଧାନରେ ସ୍ୱାକ୍ଷର କରିବା ପାଇଁ ଆମନ୍ତ୍ରିତ କରିଥିଲେ । ନେହରୁ ପ୍ରଥମେ ଏବଂ ସର୍ବଶେଷରେ ରାଜେନ୍ଦ୍ର ପ୍ରସାଦ ସେଥିରେ ସ୍ୱାକ୍ଷର କରିଥିଲେ ।

*ସେକ୍ଟର-୧୦, ସିଡିଏ, କଟକ*

# ଶ୍ରୀ ପଞ୍ଚମୀ


ନିରୂପମା ଭୂୟାଁ

ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ । ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ । ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତ ପ୍ରାୟ ଶାନ୍ତ ରହିଛି । ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ । ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ । ବ୍ରହ୍ମାଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ । ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ । କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ । ଭଗବାନ ବିଷ୍ଣୁଙ୍କ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ । ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ । ବୀଣାରେ ସୃଷ୍ଟିର ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ । ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା । ଏଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା । ସା' ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୁକ ସୃଷ୍ଟିରେ ଧ୍ୱନି ସଂଚରିତ ହେଲା । ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା । ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା । ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ । ହାତରେ ବୀଣା ଥିବା କାରଣରୁ ସେ ବୀଣାପାଣୀ ନାମରେ ଖ୍ୟାତ ହେଲେ ।

ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ । ତାଙ୍କର ତେଜ ଦିବ୍ୟ ଓ ଅପରିମେୟ । ତାଙ୍କୁ ଶବ୍ଦ ବ୍ରହ୍ମା ରୂପେ ପୂଜନ କରାଯାଏ । ସୃଷ୍ଟି କାଳରୁ ଈଶ୍ୱରଙ୍କ ଇଚ୍ଛାରେ ଆଦ୍ୟାଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ । ସେ ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ ରୂପରେ ପ୍ରକଟ ହୋଇଥିଲେ । ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣଙ୍କ କଣ୍ଠରୁ ଉତ୍ପନ୍ନ ହୋଇଥିବା ଦେବୀଙ୍କ ନାମ ସରସ୍ୱତୀ ରଖାଯାଇଥିଲା । ଶ୍ରୀମଦ୍‌ଭାଗବତ୍ ଓ ଶ୍ରୀଦୁର୍ଗା ସପ୍ତଶତୀରେ ଆଦ୍ୟାଶକ୍ତି ତିନି ରୂପରେ ବିଭକ୍ତ ହୋଇଥିବା ବର୍ଣ୍ଣିତ ଅଛି । ସେହି ତିନି ରୂପ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ଭଗବତୀ ସରସ୍ୱତୀ ସତ୍ୱଗୁଣସମ୍ପନ୍ନ । ଯେମିତିକି ବାକ୍, ବାଣୀ, ଗିରା, ଭାଷା, ଶରଦା, ବାବା, ବାଗୀଶ୍ୱରୀ, ବ୍ରାହ୍ମୀ, ସୋମଲତା ଓ ବାଗ୍‌ଦେବୀ ଇତ୍ୟାଦି । ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ । ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ । ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା । ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ୍ୟ କୁହାଯାଏ । ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତସ୍ତୋବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ୍ୟ ଲାଭ କରିହୁଏ । ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ । ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ । ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦*

# ମାଘ ସପ୍ତମୀର ଆଧ୍ୟାତ୍ମିକ ମହତ୍ତ୍ୱ


ଡ଼ଃ.ଅରୁନ୍ଧତୀ ଦେବୀ

ପବିତ୍ର ମାଘ ମାସ ଶୁକ୍ଳପକ୍ଷର ସପ୍ତମ ଦିନରେ ଭାରତରେ ପାଳିତ ହୋଇଥାଏ ମାଘ ସପ୍ତମୀ । ଏହି ପବିତ୍ର ଦିବସ ରଥ ସପ୍ତମୀ ନାମରେ ମଧ୍ୟ ପ୍ରସିଦ୍ଧ । ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିର ଏହା ହେଉଛି ସପ୍ତମ ଦିନ । ମାଘ ସପ୍ତମୀରେ ସୂର୍ଯ୍ୟଦେବ ନିଜର ସାତଟି ଘୋଡ଼ା ସହ ଉତ୍ତର ଗୋଲାର୍ଦ୍ଧକୁ ଗତି କରିଥାନ୍ତି । ଏହି ପବିତ୍ର ଦିବସ ସୂର୍ଯ୍ୟଦେବଙ୍କ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଇଥାଏ । ଏହି ଦିନ ଋଷି କଶ୍ୟପ ଏବଂ ତାଙ୍କ ପତ୍ନୀ ଆଦିତିଙ୍କ ଠାରୁ ସୂର୍ଯ୍ୟଦେବ ଜନ୍ମ ନେଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ । ରଥପସ୍ତମୀ ବିଷୟରେ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ଏକ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର କେହି ସନ୍ତାନସନ୍ତତି ନଥିଲେ । ଭଗବାନଙ୍କୁ ଆରାଧନା ପରେ ରାଜାଙ୍କର ଏକ ପୁତ୍ର ଜାତ ହେଲା । ମାତ୍ର ସେହି ପୁତ୍ର ସର୍ବଦା ଅସୁସ୍ଥ ରହୁଥିଲା । ସେଥିପାଇଁ ରାଜା ଚିନ୍ତିତ ଥିଲେ । ରାଜାଙ୍କ ପୁତ୍ରଙ୍କୁ ରଥ ସପ୍ତମୀ ପୂଜା କରିବାକୁ ଜଣେ ଋଷି ପରାମର୍ଶ ଦେଲେ । ରାଜପୁତ୍ର ମାଘ ସପ୍ତମୀରେ ପୂଜା କରିବା ପରେ ତାଙ୍କର ସମସ୍ତ ପାପ କ୍ଷୟ ହୋଇଥିଲା ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ । ମାଘ ସପ୍ତମୀ ଠାରୁ ନୂତନ କୃଷି ଋତୁ ଆରମ୍ଭ ହୋଇଥାଏ । ଭାରତୀୟ କୃଷକମାନେ ସୂର୍ଯ୍ୟଦେବଙ୍କୁ ପୂଜା କରିବା ସହ କୃଷି କାର୍ଯ୍ୟ ଆରମ୍ଭ କରିବା ଲାଗି ତାଙ୍କର ଆଶୀର୍ବାଦ ଲୋଡ଼ିଥାନ୍ତି । ଦେଶର ବିଭିନ୍ନ ସ୍ଥାନରେ ଥିବା ସୂର୍ଯ୍ୟମନ୍ଦିରରେ ଏହି ଦିନରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ । କୋଣାର୍କ ସୂର୍ଯ୍ୟମନ୍ଦିର, ଗଞ୍ଜାମ ଜିଲ୍ଲାର ବୁଗୁଡ଼ାସ୍ଥିତ ବିରଞ୍ଚି ନାରାୟଣଙ୍କ ମନ୍ଦିର, ଗୁଜୁରାଟର ମୋଧେରାସ୍ଥିତ ସୂର୍ଯ୍ୟ ମନ୍ଦିର, ଆନ୍ଧ୍ରପ୍ରଦେଶର ଆରସଭଳୀ, ତାମିଲନାଡୁର ନବଗ୍ରହ ମନ୍ଦିର ଓ ଆସାମରେ ସୂର୍ଯ୍ୟ ମନ୍ଦିରରେ ମାଘ ସପ୍ତମୀ ଉପଲକ୍ଷେ ସୂର୍ଯ୍ୟ ଦେବଙ୍କ ପୂଜା ଭକ୍ତିଭାବ ସହକାରେ ଅନୁଷ୍ଠିତ ହୋଇଥାଏ । ସେହିପରି ମାଘ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଅଚଳା ସପ୍ତମୀ ବ୍ରତ ପାଳନ କରାଯାଇଥାଏ । ଏହିଦିନ ମହିଳାମାନେ ସୂର୍ଯ୍ୟ ନାରାୟଣଙ୍କୁ ଉପାସନା କରିବା ସହ ବ୍ରତ ରଖିଥାନ୍ତି । ସେଥିପାଇଁ ଏହାକୁ ସୌର ସପ୍ତମୀ ମଧ୍ୟ କୁହାଯାଏ । ସୌଭାଗ୍ୟ ପ୍ରଦାନ କରୁଥିବା ଏହି ବ୍ରତରେ ଗୋଟିଏ ବେଳା ଖାଦ୍ୟ ଗ୍ରହଣ କରି ସୂର୍ଯ୍ୟଦେବଙ୍କ ପୂଜାର୍ଚ୍ଚନା କରାଯାଇଥାଏ । ବ୍ରତ ନିମନ୍ତେ ପ୍ରାତଃ ନିଦ୍ରା ତ୍ୟାଗ କରି ଦୈନିକ କାର୍ଯ୍ୟରୁ ପ୍ରଥମେ ନିବୃତ୍ତ ହେବା ଆବଶ୍ୟକ । ଏହାପରେ ଭଗବାନ ସୂର୍ଯ୍ୟଙ୍କ ଅଷ୍ଟଦଳୀ ପ୍ରତିମାନ ନିର୍ମାଣ କରି ଏହାମଧ୍ୟରେ ଶିବ-ପାର୍ବତୀଙ୍କ ପ୍ରତିଷ୍ଠା କରି ପୂଜା କରନ୍ତୁ । ପୂଜା ପରେ ତମ୍ବା ପାତ୍ରରେ ଦୀନଦରିଦ୍ରଙ୍କୁ ଅକ୍ଷତ ବା ଚାଉଳ ଦାନ କରିବା ଉଚିତ । ସୂର୍ଯ୍ୟସପ୍ତମୀ ବ୍ରତକୁ ନେଇ ପୁରାଣରେ ଏକ ଆଖ୍ୟାନ ରହିଛି । ପ୍ରାଚୀନ କାଳରେ ଇନ୍ଦୁମତି ନାମରେ ଜଣେ ବେଶ୍ୟା ରହୁଥିଲା । ସେ ଋଷି ବଶିଷ୍ଠଙ୍କ ନିକଟକୁ ଯାଇ ପଚାରିଲା ଋଷିବର ମୁଁ ଆଜି ପର୍ଯ୍ୟନ୍ତ କୌଣସି ଧାର୍ମିକ କାର୍ଯ୍ୟ କରିପାରିନାହିଁ । ମୃତ୍ୟୁପରେ ମୁଁ କିଭଳି ମୁକ୍ତ ଲାଭ କରିବି ? ଋଷି ସେହି ବେଶ୍ୟାକୁ କହିଲେ, ଅଚଳା ସପ୍ତମୀ ବ୍ରତ ମହିଳାମାନଙ୍କୁ ସୌଭାଗ୍ୟ ପ୍ରଦାନ କରିଥାଏ । ପୂର୍ଣ୍ଣ ବିଧିବିଧାନ ପୂର୍ବକ ଏହି ବ୍ରତ କଲେ ମୃତ୍ୟୁ ପରେ ତୁମେ ମୁକ୍ତି ପାଇପାରିବ । ଏହାଶୁଣି ଉକ୍ତ ବେଶ୍ୟା ପୂର୍ଣ୍ଣ ବିଧିବିଧାନ ପୂର୍ବକ ଏହି ବ୍ରତ ପାଳନ କଲେ । ଶେଷରେ ମୃତ୍ୟୁ ପରେ ସେ ସ୍ୱର୍ଗଲୋକ ପ୍ରାପ୍ତ କଲେ । ସ୍ତ୍ରୀମାନେ ବିଶେଷ ଭାବେ ଏହି ବ୍ରତ ପାଳନ କରିବା ଉଚିତ୍ । ଭବିଷ୍ୟ ପୁରାଣରେ ଅଚଳା ସପ୍ତମୀ ବ୍ରତର ମହତ୍ତ୍ୱ ବର୍ଣ୍ଣିତ । ଏହି ପୁରାଣ ଅନୁଯାୟୀ, ଅଚଳ ସପ୍ତମୀ ବ୍ରତ ବିଷୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ଏହି ବ୍ରତର ପୂଣ୍ୟ ପ୍ରଭାବରେ ସୂର୍ଯ୍ୟଦେବଙ୍କ କୃପା ବର୍ଷ ହୋଇଥାଏ । ବ୍ୟକ୍ତି ନିରୋଗୀ ରହିଥାଏ । ବର୍ଷର ପ୍ରତ୍ୟେକ ରବିବାର ବ୍ରତ କଲେ ଯେଉଁ ପୂଣ୍ୟ ମିଳିଥାଏ, ଅଚଳା ସପ୍ତମୀରେ ଗୋଟିଏ ଦିନ ବ୍ରତ ରଖିବାରୁ ସମାନ ପରିମାଣର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଋଷିକନ୍ୟା ଚନ୍ଦ୍ରଭାଗାର ଅପୂର୍ବ ରୂପ ଲାବଣ୍ୟରେ ଆକୃଷ୍ଟ ହୋଇପଡ଼ିଲେ ସୂର୍ଯ୍ୟଦେବ । ଚନ୍ଦ୍ରଭାଗାକୁ ପାଇବା ପାଇଁ ସେ ଓହ୍ଲାଇ ପଡ଼ିଲେ ମର୍ତ୍ତ୍ୟକୁ, କଲେ ପ୍ରେମ ନିବେଦନ । କିନ୍ତୁ ସୂର୍ଯ୍ୟଦେବଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କଲେ ସୁନ୍ଦରୀ ଚନ୍ଦ୍ରଭାଗା । ତେବେ ଚନ୍ଦ୍ରଭାଗାଙ୍କ ରୂପରେ ପାଗଳ ସୂର୍ଯ୍ୟଦେବ କ୍ରୁଦ୍ଧ ହେଲେ । ବଳ ପ୍ରୟୋଗ କରି ଚନ୍ଦ୍ରଭାଗାକୁ ହରଣ କରିବାକୁ ଉଦ୍ୟମ କଲେ । କିନ୍ତୁ ଭୟଭୀତ ଚନ୍ଦ୍ରଭାଗା ସେ ସ୍ଥାନ ଛାଡ଼ି ପଳାୟନ କଲେ । କିନ୍ତୁ ପ୍ରେମପାଗଳ ସୂର୍ଯ୍ୟଦେବ ତାଙ୍କର ପିଛା ଛାଡ଼ିଲେନି । ଫଳରେ ନିଜର ସତୀତ୍ୱ ରକ୍ଷା କରିବାକୁ ଋଷିକନ୍ୟା ଚନ୍ଦ୍ରଭାଗା ନଦୀରେ ଝାସ ଦେଇ ପ୍ରାଣ ବିସର୍ଜନ କରିଦେଲେ । ସୁନ୍ଦରୀ ଚନ୍ଦ୍ରଭାଗା ଯେଉଁଠାରେ ନିଜକୁ ଝାସ ଦେଇଥିଲେ ତାହା ଥିଲା ନଦୀ ଓ ସମୁଦ୍ରର ମିଳନ ସ୍ଥାନ । ଚନ୍ଦ୍ରଭାଗାର ବଳିଦାନ ପରେ ଲଜ୍ଜିତ ହୋଇଥିଲେ ସୂର୍ଯ୍ୟଦେବ । ନିଜର ସାମାନ୍ୟ ସ୍ଖଳନ ଯୋଗୁଁ ସେ ଜଣେ ସତୀର ଜୀବନ ନେଇଗଲେ । ଏହାପରେ ସେ ନିଜର ଭୁଲର ପ୍ରାୟଶ୍ଚିତ କରିବା ପାଇଁ ସେହି ସ୍ଥାନକୁ ଏକ ପୁଣ୍ୟ ପୀଠ ପାଲଟିବା ପାଇଁ ବର ପ୍ରଦାନ କଲେ । ପ୍ରତ୍ୟେକ ଦିନ ସେହିଠାରେ ହିଁ ତାଙ୍କର ପ୍ରଥମ ଉଦିତ କିରଣ ପଡ଼ିବ ବୋଲି ପ୍ରତିଶ୍ରୁତି ଦେଲେ । ଯିଏ ମାଘସପ୍ତମୀ ତିଥିରେ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଦର୍ଶନ କରିବ ସେ କୋଟି ପୁଣ୍ୟର ଲାଭ ପାଇବ ବୋଲି ସୂର୍ଯ୍ୟଦେବ ପ୍ରତିଶ୍ରୁତି ଦେଇଥିଲେ ।

ପରବର୍ତ୍ତୀ ସମୟରେ ସେହି ସ୍ଥାନ ଚନ୍ଦ୍ରଭାଗା ନାମରେ ପରିଚିତ ହୋଇଥିଲା ଏବଂ ଏକ ପୁଣ୍ୟ ପୀଠରେ ପରିଣତ ହୋଇଯାଇଥିଲା । ସତୀ ଚନ୍ଦ୍ରଭାଗାଙ୍କ ଏହି ତ୍ୟାଗକୁ ସ୍ମରଣ କରିବା ପାଇଁ ପ୍ରତ୍ୟେକ ବର୍ଷ ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଚନ୍ଦ୍ରଭାଗାରେ ପବିତ୍ର ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ପୁଣ୍ୟ ଚନ୍ଦ୍ରଭାଗାରେ ବୁଡ଼ ପକାଇ ସତୀ ଚନ୍ଦ୍ରଭାଗାଙ୍କ ତ୍ୟାଗକୁ ମନେ ପକାନ୍ତି । ଆଉ ଏକ କାହାଣୀ କହେ, କୁଷ୍ଠଗ୍ରସ୍ତ କୃଷ୍ଣ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ମୁହାଣରେ ସୂର୍ଯ୍ୟଙ୍କୁ ଉପାସନା କରି ରୋଗମୁକ୍ତ ହୋଇଥିଲେ । ମାଘ ସପ୍ତମୀ ତିଥିରେ ତାଙ୍କର ଏହି ସୌଭାଗ୍ୟ ଲାଭ ହୋଇଥିବାରୁ ଏହି ଦିନ ଚନ୍ଦ୍ରଭାଗାରେ ପବିତ୍ର ବୁଡ଼ ପ୍ରଦାନ କଲେ ପୁଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପୁରାଣ ମତରେ ମାଘ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇଥାଏ । ତେଣୁ ମାଘସପ୍ତମୀ ପରି ଏକ ପୁଣ୍ୟ ଦିନରେ ଆମ ରାଜ୍ୟରେ ଚନ୍ଦ୍ରଭାଗା ତଟରେ ଏହି ମାଘ ସ୍ନାନ ଉତ୍ସବ ପାଳିତ ହୋଇଥାଏ । କେବଳ ଚନ୍ଦ୍ରଭାଗାରେ ନୁହେଁ, ଖଣ୍ଡଗିରିରେ ମଧ୍ୟ ଏହି ଦିନ ଆରମ୍ଭ ହୁଏ ମାଘ ମେଳା । ସାତ ଦିନ ଧରି ଏହି ମେଳା ପାଳିତ ହୋଇଥାଏ । କେବଳ ଏକ ପୁଣ୍ୟ ପବିତ୍ର ସ୍ଥାନ ଭାବେ ନୁହେଁ, ଚନ୍ଦ୍ରଭାଗାର ପ୍ରାକୃତିକ ସୌନ୍ଦର୍ଯ୍ୟ, ନଦୀ ଓ ସମୁଦ୍ରର ମିଳନ ଭୂମି ତଥା ଉଦିତ ସୂର୍ଯ୍ୟର ମନଲୋଭା ଆକର୍ଷଣ କବି, ଭାବୁକ ଓ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ସେଥିପାଇଁ ଏହି ପୀଠରେ ପର୍ଯ୍ୟଟକମାନଙ୍କ ବେଳାଭୂମି ପାଲଟିଯାଇଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ...


ମୋହନ କୁମାର ଭଞ୍ଜ

'ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ, ପତିତଜନପାବନ ଆହେ ଜଗବନ୍ଧୁ, ଆଦ୍ୟମାର୍ଗଶିର ମାସର ଶୀତ, ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ, ଦୁଃଖୀର ଜୀବନ ଦୁଃଖସଙ୍ଗାତ, କାହୁଁ ଆଣିଦେବି କମଳାକାନ୍ତ ମୋ କାହ୍ନୁରେ' ଏହି ବିଲକ୍ଷଣ କବିତାର ପ୍ରାଣସ୍ରଷ୍ଟା ଥିଲେ ପଞ୍ଚସଖା ଅଚ୍ୟୁତାନନ୍ଦ । ଷୋଡ଼ଶ ଶତାବ୍ଦୀର ଓଡ଼ିଶା ତା'ର କଳା, ସାହିତ୍ୟ ଓ ସାଂସ୍କୃତିକ ସନନ୍ଦକୁ ପୂର୍ଣ୍ଣତ ଅନ୍ଧାରରୁ ଆଲୋକକୁ ଆଣିପାରିନାହିଁ କହିବା ଯଦିଓ ଅପ୍ରାସଙ୍ଗିକ ମନେହୁଏ, ତେବେ ଏହି ଶତାବ୍ଦୀଟି ଆମ ସାଂସ୍କୃତିକ ଜୀବନ ଧାରାର ଏକ ସନ୍ଧିକାଳ ଥିଲା । ଅଚ୍ୟୁତାନନ୍ଦ ଜଗନ୍ନାଥ, ବଳରାମ ଆଦି କୃତକର୍ମା ଆଧ୍ୟାତ୍ମିକ ସାହିତ୍ୟିକମାନଙ୍କ ଏହି ସନ୍ଧିକାଳରେ ଅଭ୍ୟୁଦୟ ଘଟିଥିଲା । ସାଧକଶିଳ୍ପୀ ଅଚ୍ୟୁତାନନ୍ଦ ଦାସ ଖ୍ରୀଷ୍ଟିୟ ଶୋଷଡ଼ ଶତାବ୍ଦୀର ଉତ୍କଳର ଆରାଧ ଦେବତା ଜଗନ୍ନାଥ ତଥା ତାଙ୍କ ଅନ୍ତରଙ୍ଗ ସ୍ୱରୂପ ଏବଂ ନିଜ ଗୁରୁ ପରମ୍ପରା ସମ୍ବନ୍ଧରେ ନିଜସ୍ୱ ଗ୍ରନ୍ଥଗୁଡ଼ିକରେ ବହୁ ପ୍ରାମାଣିକ ତଥ୍ୟ ରଖିଯାଇଛନ୍ତି । କବି ଅଚ୍ୟୁତାନନ୍ଦ କ୍ଷତ୍ରିୟ ଗୋପିନାଥଙ୍କ ନାତି ଓ ଅଚ୍ୟୁତାନନ୍ଦ ଦୀନବନ୍ଧୁଙ୍କ କୋଳମଣ୍ଡନ କରିଥିଲେ । ତେବେ ତାଙ୍କ ପିତା ରାଜାଙ୍କର କରଣ କର୍ମ କରୁଥିବାରୁ କବି ଅଚ୍ୟୁତାନନ୍ଦ କରଣପୁତ୍ର ଭାବେ ବୋଲାଇଥିଲେ ବି ମାତ୍ର ସେ ପାଲଟିଯାଇଥିଲେ ଶୂଦ୍ର । ତାଙ୍କର 'ବର୍ଣ୍ଣ ସଂହିତା'ରେ ବର୍ଣ୍ଣନା ଅନୁଯାୟୀ 'ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା, କ୍ଷତ୍ରିୟ ବଶ୍ୟରେ ନାହିଁ ଭରସା, ଶୂଦ୍ୟ ବର୍ଣ୍ଣରେ ସେବାପ୍ରାପ୍ତ ହୋଇଏ, ଅହଂକାର ନାହିଁ ଶୂଦ୍ରର ଦେହେ' । ତାଙ୍କ ପିତାମହଙ୍କ ଦେହାନ୍ତ ପରେ ଅଚ୍ୟୁତଙ୍କ ପିତା ଦୀନବନ୍ଧୁ ମହାରାଜା ପ୍ରତାପରୁଦ୍ରଙ୍କ କୃପାଲାଭ କଲାବେଳକୁ ତାଙ୍କ ପରିବାର ଦାରିଦ୍ର୍ୟ ନିପୀଡ଼ିତ ହୋଇସାରିଥିଲେ । ତାଙ୍କର 'ଶୂନ୍ୟ ସଂହିତା' (୧୮୦୦ ଅଧ୍ୟାୟର) ତଥ୍ୟ ଅନୁଯାୟୀ ସେ ନିଜ ବାଲ୍ୟ ଜୀବନର ଉଲ୍ଲେଖ କରିଛନ୍ତି 'ତିଳ କଣାରେ ମୁଁ ଜନମ ଲଭିଲି, କେହି ନ ଚିହ୍ନିଲେ ମୋରେ, ଅଗଣିତ ବୋଲି ମାତା ଡାକୁଥାନ୍ତି, ଅନ୍ନ ନ ମିଳଇ ଘରେ' ।

ବୈଷ୍ଣବୀୟ ନମ୍ରତା ବା ଦାସ୍ୟଭାବର ମୂର୍ତ୍ତିମନ୍ତ ପ୍ରତୀକ ଦୀନ ଅଚ୍ୟୁତ ଏକ ରାଜବଂଶରେ ପାଣିଗ୍ରହଣ କରିଥିଲେ । ବୈଷ୍ଣବ କବି ଯଶୋବନ୍ତ ଦାସଙ୍କ ପରିବାରରେ ବୈବାହିକ ସମ୍ପର୍କ କାଳକ୍ରମେ ଯୋଡ଼ି ହୋଇଥିଲା । ସଂସାରବିରାଗୀ ଅଚ୍ୟୁତାନନ୍ଦଙ୍କୁ ସଂସାରୀ ହେବାକୁ ଯଶୋବନ୍ତ ହିଁ ପ୍ରବର୍ତ୍ତାଇଥଲେ । ତାଙ୍କ 'ଯୁଗାବ୍ଧି ଗୀତା' ଭାଷାରେ "ବଇରାଗ ଭାବେ କିଛି ଦିନ ଗଲା, ଅନ୍ତର୍ଯ୍ୟାମୀ ନାଥ କରୁଣା ହେଲା, ଅଢ଼ଙ୍ଗ ବିଶେ ଭୂପତିର ଝିଅ, ମତେ ସମର୍ପିଲା ଅତି ସେନେହ" । କାଳକ୍ରମେ ଦାରିଦ୍ର୍ୟ ନିପୀଡ଼ିତ ଅଚ୍ୟୁତାନନ୍ଦ ପତିତ ଜନତାର ସାଂସ୍କୃତିକ ତଥା ଧାର୍ମିକ ଚିତ୍ତବୃତ୍ତିର ପ୍ରତିନିଧି ହୋଇ ପାଲଟିଥିଲେ ମହାପୁରୁଷ ସିଦ୍ଧମୁନି । ନୀଳାଚଳ ଧାମର ଜାତିବର୍ଣ୍ଣହୀନ ଧାର୍ମିକ ସମାଜର ଆତ୍ମିକ ବୈଶିଷ୍ଟ୍ୟ ହିଁ ପଞ୍ଚସଖାଙ୍କୁ ଅନୁପ୍ରାଣିତ କରିଥିଲା । ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ଏମାନେ ସାହିତ୍ୟ କ୍ଷେତ୍ରରେ ଯଶସ୍ୱୀ ପଦାଙ୍କ ଅଙ୍କନ କଲାପରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଓଡ଼ିଶାରେ ଆବିର୍ଭାବ ଘଟି ସାରିଥିଲା । ଶୂନ୍ୟ ସଂହିତାର ବର୍ଣ୍ଣନା ଅନୁଯାୟୀ 'ଆମ୍ଭର ଆତ୍ମା ତୁମ୍ଭେ ପାଞ୍ଚ ଜଣ, ତେଣୁ ତୁମ୍ଭ ଆଗେ କହିଲୁ ପୁଣ, ଆମ୍ଭେ ପାଞ୍ଚଶାଖା ରହି ନିଶ୍ଚଳେ, ଧାୟିଲୁ ତାଙ୍କ ଚରଣକମଳେ' । ବାସ୍ତବିକ୍ ଧାର୍ମିକ ଚିଣ୍ଟବୃତ୍ତି ଓ ଉତ୍କଳୀୟ ଭାବଧାରାରେ ଏମାନେ ଅଭିନ୍ନ ହେଲେ ବି ନିଜ ନିଜ ଭିତରେ ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି । ଚୈତନ୍ୟଙ୍କ ପାଣ୍ଡିତ୍ୟ ତାଙ୍କୁ ମୁଗ୍ଧ କରିବାରୁ ଅଚ୍ୟୁତାନନ୍ଦ ତାଙ୍କ ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ସେ ଭବିଷ୍ୟତ ମାଳିକା ରଚନା କରି ତାଙ୍କ ଦିବ୍ୟଦୃଷ୍ଟିରେ ଦେଖିଥିବା ଭବିଷ୍ୟତର ସମ୍ଭାବ୍ୟ ଘଟଣା ଓ ଘୋର କଳି ପରେ ସତ୍ୟ ଆଗମନର ଆଶ୍ୱାସନାମୟ ବାର୍ତ୍ତା ପ୍ରଦାନ କରି 'ବରଣ ଚରିତ ଗୀତା'ରେ ଲେଖିଛନ୍ତି – "ସେବଣ ଠାବରୁ ତିନି ରାଜୁତି ଏ ମହୀ, କଳିକୁ ଯାଇ ସୁଖ ନ ରହିବ ମହୀ" । ସମଗ୍ର ବରଣଚରିତ ଗୀତାଟିର ଗୁରୁ ଅଚ୍ୟୁତାନନ୍ଦ ଓ ଶିଷ୍ୟ ରାମଚନ୍ଦ୍ର ଦାସଙ୍କ ବାର୍ତ୍ତାଳାପ ରୀତିରେ ରଚିତ ହୋଇଛି । ରାହାସ କୀର୍ତ୍ତନର ଆଦ୍ୟ ପୁରୋଧା ଅଚ୍ୟୁତାନନ୍ଦ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି "ବସନ୍ତ ରାହାସ ନୀଳା ଉତ୍ସବ କରିବା, ଗୋପାଳ ପୁଅଙ୍କୁ ଯେହ୍ନେ ବରଣ କରିବା । ଅଚ୍ୟୁତାନନ୍ଦଙ୍କ ରାସଗୁରୁ ଥିଲେ ଭାଗବତକାର ଜଗନ୍ନାଥ ଦାସ । ଅଚ୍ୟୁତାନନ୍ଦ ତାଙ୍କର ସଭାବସିଦ୍ଧ ଶୈଳୀରେ ନିଜ ବଂଶାନୁଚରିତ ଭବିଷ୍ୟତ ଭାରତର ସ୍ୱରୂପ, ଧାର୍ମିକ ତଥା ନୈତିକ ଜୀବନର ଅଧୋପତନଧର୍ମୀ ସୂଚନା ଆଧ୍ୟାତ୍ମିକମୟ ସାରସ୍ୱତ ଭାଷାରେ ବର୍ଣ୍ଣନା କରିଯାଇଛନ୍ତି । ସାମାଜିକ ସତର୍କବାଣୀ ଶୁଣାଇ ଭବିଷ୍ୟତପ୍ରତି ସଚେତନ ହେବାକୁ କହିଯାଇଛନ୍ତି । ତାଙ୍କ ଭିନ୍ନସ୍ୱାଦର ଦୀର୍ଘ କବିତା 'ନିଶି ଅବକାଶ' ବେଶ୍ ଲୋକପ୍ରିୟ । ଧର୍ମାଦର୍ଶ ଦୃଷ୍ଟିରୁ ଓ ମହାନ୍ ଭାବାବେଗର ଅମୃତ ଚିନ୍ତନ ଦୃଷ୍ଟିରୁ ଶହ ଶହ ବର୍ଷ ପରେ ଓଡ଼ିଶାର ପୁରପଲ୍ଲୀରେ ଜନସାଧାରଣ ଅଚ୍ୟୁତାନନ୍ଦଙ୍କ ରଚନାବଳିକୁ ଭାବବିହ୍ୱଳ କଣ୍ଠରେ ଆବୃତ୍ତି କରିଆସୁଛନ୍ତି ।

*କୋକମୁଣ୍ଡା, ଚାନ୍‌ଚେର, କେସିଙ୍ଗା, କଳାହାଣ୍ଡି, ଦୂରଭାଷ : ୯୯୩୮୯୦୪୭୭୫*

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ


ଶରତ କୁମାର ସାହୁ

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ । ଦେବୀ ସରସ୍ୱତୀ ମନୁଷ୍ୟଙ୍କୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି । ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ । ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ । ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ । ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର । ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି । ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ । ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି । ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି । ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ । ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି । ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି । ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଳକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟଙ୍କୁ ଆଲୋକ ପ୍ରଦାନ କରିଥାଏ ? ଏହାର ଉତ୍ତରରେ ଋଷି କହୁଛନ୍ତି - ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟଙ୍କୁ ଆଲୋକ ପ୍ରଦାନ କରିଥାଏ । ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ । ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ । ଏଣୁ ବାଣୀର ଉପାସନା କରିବା ଉଚିତ । ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍ । ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା । ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ । ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା । ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି । ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା । ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ । ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ । ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି । ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ । ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି - ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ । କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩*

# ଆଚ୍ଛାଦନ-ଆଚରଣ


ଅପର୍ଣ୍ଣା ନାୟକ

କେତେକ ଲୋକ କହନ୍ତି - ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ - 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ ।

ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପରାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଲୁତ କରିଦିଏ । ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଣ୍ଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇ ଦେଲେ । ପରେ ଯେତେବେଳେ ଲାଟ ଗାନ୍ଧିଙ୍କୁ ପଚାରିଲେ କାହିଁକି ସେ ନିଜେ ନଆସି ଏଭଳି ପୋଷାକ ପଠାଇଲେ, ସେତେବେଳେ ଗାନ୍ଧି ଉତ୍ତର ଦେଲେ ଆପଣ ମୋତେ ଭୋଜିସଭାକୁ ଡାକିଥିଲେ; କିନ୍ତୁ ମୁଁ ନିର୍ଦ୍ଧାରିତ ପୋଷାକ ପିନ୍ଧି ନଥିଲି ବୋଲି ମୋତେ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ, ତେଣୁ ମୁଁ ସେହି ନିର୍ଦ୍ଧାରିତ ପୋଷାକକୁ ମୋ ବଦଳରେ ପଠାଇ ଦେଲି । ଲାଟ୍ ସାହେବ ଲଜ୍ଜିତ ହେଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ । ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ । ଯଥାର୍ଥରେ ମହାତ୍ମା ପଦବାଚ୍ୟ । ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନସ୍ପଦ କରାଇଥାଏ ।

*ସେକ୍ଟର-୧୦, ସିଡିଏ, କଟକ*




## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ହିତ ଚିନ୍ତକ ସମ୍ମିଳନୀ

**ଭଦ୍ରକ,(ପିଏନ)**-ବିଶ୍ୱ ହିନ୍ଦୁ ପରିଷଦ, ଭଦ୍ରକ ପକ୍ଷରୁ ଗାନ୍ଧିପଡ଼ିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୨୦୨୨ ବର୍ଷର ହିତ ଚିନ୍ତକ ଅଭିଯାନରେ ସାମିଲ ହୋଇଥିବା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ହିତ ଚିନ୍ତକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବ କ୍ଷେତ୍ର କ୍ଷେତ୍ରୀୟ ସହ ସମ୍ପାଦକ ଗୌରୀ ପ୍ରସାଦ ରଥ, ମୁଖ୍ୟବକ୍ତା ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ସନାତନ ଧର୍ମର ପ୍ରଚାରକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସହ ସତସଙ୍ଗ ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ରାଉତ, ଜିଲ୍ଲା କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ଦାସ ମଞ୍ଚାସିନ ରହି ସାମ୍ପ୍ରତିକ ଭାରତର ସାମାଜିକ ଏବଂ ଧାର୍ମିକ କ୍ଷେତ୍ରରେ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତର ସାର୍ବଭୌମିକ ଅଖଣ୍ଡତା, ସଂସ୍କୃତି ପରମ୍ପରା ଓ ସୁରକ୍ଷା କ୍ଷେତ୍ରରେ ବିଶ୍ୱ ହିନ୍ଦୁ ପରିଷଦର ଅତୁଳନୀୟ ଅବଦାନ ରହି ଆସିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂଜ୍ୟ ସନ୍ଥ ଦଣ୍ଡଧାରୀ ବାବା, ବାବା ରଞ୍ଜନ ମଲ୍ଲିକ ଆଦି ଜିଲ୍ଲାର ଅନେକ ସାଧୁ ସନ୍ଥ ଗଣ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ନିରଞ୍ଜନ ସାହୁ, ସହ ସମ୍ପାଦକ ଶ୍ରୀକାନ୍ତ ଲେଙ୍କା, ଶିବ ଶଙ୍କର ଦାସ, ମାତୃଶକ୍ତି ଜିଲ୍ଲା ସଂଯୋଜିକା ବାସନ୍ତୀ ମହାପାତ୍ର, ସହ ସଂଯୋଜିକା କମଳା ଦାସ, ଭଦ୍ରକ ପ୍ରଖଣ୍ଡ ସଭାପତି ପ୍ରତାପ ଦିକ୍ଷୀତ, ସହ ସମ୍ପାଦକ ମାନସ ବାରିକ, ବଜରଙ୍ଗ ଦଳର ନଗର ସଂଯୋଜକ ସୁଜିତ ପତି, ପ୍ରଭାତ ଶତପଥୀ, ବୃନ୍ଦାବନ ଜେନା, ରୋହିତ ଜେନା, ନିତ୍ୟାନନ୍ଦ ସେଠୀ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଭଦ୍ରକ ନଗର ସଭାପତି ସୁବାସ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବଲାଙ୍ଗୀରରେ ଏନ୍ ୟୁ ଜେ ର ୫୧ ତମ ପ୍ରତିଷ୍ଠା ଦିବସ ପାଳନ

**ବଲାଙ୍ଗୀର, (ପିଏନ)**-ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏନ୍‌ୟୁଜେ(ଆଇ)ର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜାତୀୟ ସାମ୍ବାଦିକ ୟୁନିଅନ(ଏନ୍‌ୟୁଜେ(ଆଇ))ର ଏକମାତ୍ର ସ୍ୱୀକୃତି ପ୍ରାପ୍ତ ରାଜ୍ୟସ୍ତରୀୟ ସଙ୍ଗଠନ ହେଉଛି ଏସ୍‌ୟୁଜେ(ଓ)। ରାଜ୍ୟ ସାମ୍ବାଦିକ ସଂଘ, ବଲାଙ୍ଗୀର ଶାଖାର ସଭାପତି ଗୋପବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଏନ୍‌ୟୁଜେର ୫୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏନ୍‌ୟୁଜେର ଜନ୍ମ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ଏବଂ ରାଜ୍ୟ ଉପ ସଭାପତି କୀର୍ତି ଚନ୍ଦ୍ର ସାହୁ ୫୧ ତମ ପ୍ରତିଷ୍ଠା ଦିବସରେ ଅଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ସଂଘର ସମ୍ପାଦକ ରଘୁ ନନ୍ଦନ ସିଂ ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ମହାକୁର ସାମ୍ବାଦିକତା କ୍ଷେତ୍ରରେ ସାମ୍ବାଦିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଅବଗତ କରିଥିଲେ। ଏସ୍‌ୟୁଜେର ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜୀ ସାମ୍ବାଦିକମାନଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ।



ଇଜିପ୍ଟ ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**ପୁରୀ,(ପିଏନ)**- ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ ବାଳିକା ଦିବସ ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହ ପରିସରରେ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ସତ୍ୟବାଦୀ ବ୍ଲକର ସୁଶ୍ରୀ ସିମ୍ରନ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଉଦଘାଟନ କରିଥିଲେ। ଶ୍ରୀମତୀ କସ୍ତୁରୀ ମହାପାତ୍ର, ପୂର୍ବତନ ଅଧକ୍ଷ୍ୟା, ଓଡିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ ତଥା ସମ୍ପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ମହାବୀର ରୁଦ୍ର ନାରାୟଣ ସାହୁ, ଅଧକ୍ଷ, ଶିଶୁ ମଙ୍ଗଳ ସମିତି, ରମା ଶଙ୍କର ପାତ୍ର, ସଦସ୍ୟ, ଶିଶୁ ମଙ୍ଗଳ ସମିତି, ଶୁଭ୍ରାଂଶୁ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବିକାଶ କୁମାର ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ, ସନ୍ତୋଷ କୁମାର ପରିଡା, ଅଧକ୍ଷ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ, ସନ୍ତୋଷ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ବାଳିକାଙ୍କୁ ସଶକ୍ତ କରିବାର ବିଭିନ୍ନ ଦିଗ ଓ ସମୃଦ୍ଧ ବିଶ୍ୱ ଗଠନରେ ବାଳିକାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ଅଧିକାର, ବାଳିକାଙ୍କ ଆତ୍ମସମ୍ମାନ, ସହଭାଗୀତା ନିଶ୍ଚିତ କରିବାକୁ ପିତାମାତା, ଗୋଷ୍ଠୀ, ସମାଜକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ମାନବାଧିକାର ଶିକ୍ଷାର ରାଜ୍ୟ ସଂଯୋଜକ ପ୍ରଦୀପ୍ତ ନାୟକ ବାଳିକାମାନଙ୍କ ସାମ୍ବଧାନିକ ଅଧିକାର ଓ ବାଳିକା ଶିକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ବାଳିକା ମାନଙ୍କୁ ସମ୍ମାନିତ କରାଯାଇଥିଲା। ମହିଳା ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ତଫସିଲଭୁକ୍ତ ଜାତି ଓ ଜନଜାତି ବିଭାଗଦ୍ୱାରା ଏହି ବାଳିକାମାନେ ମନୋନୀତ ହୋଇଥିଲେ। ଏହା ସହିତ ଜାତୀୟ ଶିଶୁ ସୁରକ୍ଷା କମିଶନ ତରଫରୁ ଜାରି ହୋଇଥିବା ଅନଲାଇନ କାର୍ଯ୍ୟକ୍ରମ "ଚାଇଲ୍ଡ ରାଇଟ୍ସ ଚାମ୍ପିୟାନ" ନିମନ୍ତେ ଏକ ଡିଜିଟାଲ ହବ୍ ମାଧ୍ୟମରେ ବାଳିକାମାନଙ୍କ ପଞ୍ଜୀକରଣ, କୁଇଜ ଶିକ୍ଷା, ଇ-ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦସ୍ତଖତ ସଂଗ୍ରହ ଅଭିଯାନ ସହ ଅତିଥି ଓ ଅଂଶଗ୍ରହଣକାରୀ ସ୍ଲୋଗାନ ଲେଖିଥିଲେ। ୮ ଜଣ ପିତୃମାତୃହୀନ ଶିଶୁମାନଙ୍କ ମାଗଣା ଉଚ୍ଚତର ଶିକ୍ଷା ନିମନ୍ତେ ଗ୍ରୀନ ପ୍ୟାସେଜ ଯୋଜନାରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଶୁଭ ନାରାୟଣ ଶତପଥୀ, ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ସ୍ନିଗ୍ଧରଣୀ ସାହୁ, ରୋଜାଲିନି ପାତ୍ର, ଅକ୍ଷୟ କୁମାର ଚୌଧୁରୀ, କମଳା ମହାରଣା, ହରେକୃଷ୍ଣ ସାହୁ, ବିଜୟ କୁମାର ପରିଡା, ସୁସ୍ମିତା ନନ୍ଦ, ଶକୁନ୍ତଳା ପଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଖଜୁରିପଡ଼ାରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ

କନ୍ଧମାଳ (ପିଏନ)-କନ୍ଧମାଳ ଜିଲ୍ଲା ଖଜୁରୀପଡା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରିମାନଙ୍କୁ ନେଇ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଗୀତାଜଂଳି ପଣ୍ଡାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଖଜୁରୀପଡା ପଂଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନୀମା କହଁର, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲିକ, ନାର୍ଶୁ କହଁର ଖଜୁରୀପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିବାରାଣୀ ମଲିକ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଶିଶୁକନ୍ୟାମାନଙ୍କୁ ଝିଅର ଅଧିକାର, ମୂଲ୍ୟ ଏବଂ ମହତ୍ୱ ବିଷୟରେ ଉଦବୋଧନ ଦେବା ସହ ସଚେତନ କରାଇଥିଲେ। ମଂଚ ପରିଚାଳନା ଦାୟିତ୍ୱ ଆର୍ ନୂଆଗାଁ ପ୍ରଧାନ ଶିକ୍ଷକ ସୁର ପ୍ରାସାଦ ନାୟକ ତୁଲାଇଥିବା ବେଳେ ସି ଆର୍ ସି ସି ରଘୁନାଥ ସାହାଣୀ, ସୁନିଲ୍ କୁମାର୍ ବେହେରା, ପ୍ରଶାନ୍ତ କୁମାର ପ୍ରଧାନ, ଇନ୍ଦ୍ରମଣି ନାୟକ, ଅଶୋକ କୁମାର୍ ମଲିକ, ସୁଜାତା କୁମାରୀ ପ୍ରଧାନ, ଅଜିତ୍ କୁମାର ସାହାଣୀ, ସନ୍ତୋଷ କୁମାର ସାହାଣୀ ପିତବାସ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ପୂର୍ବରୁ କରାଯାଇଥିବା ବାକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ତଥା ବକ୍ତୃତାରେ ପ୍ରଥମ ପିରିକୁଡ଼ି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅନୁଷୟା ମଲିକ, ଦ୍ୱିତୀୟ ରୁଜାଙ୍ଗି ଉଚ୍ଚବିଦ୍ୟାଳୟର ସୋନାଲି ମହାପାତ୍ର, ତୃତୀୟ ଦାରିଙ୍ଗବାଡି ଆଦର୍ଶ ବିଦ୍ୟାଳୟର ଶ୍ରିଶାରାଣୀ ସାହୁ ଏବଂଚିତ୍ରାଙ୍କନ ରେ ପ୍ରଥମ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ତିତିପ୍ରଜ୍ଞା ସାହୁ, ଦ୍ୱିତୀୟ ଘୁ ଉଦୟଗିରି ବାଳିକା ଉଚ୍ଚ ବିଦ୍ୟାଳୟର ମନିଷା ମଲିକ, ତୃତୀୟ ଆଦର୍ଶ ବିଦ୍ୟାଳୟ ଦାରିଙ୍ଗବାଡିର ଶ୍ରୀୟାରାଣୀ ନାୟକଙ୍କୁ ମାନପାତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀମାନଙ୍କୁ ଆଣି ଖଜୁରୀପଡା ରେ ପହଂଚିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ।

## ଅବଦୁଲ କରିମ ଖାଁ ମୋମୋରିଆଲ ଟ୍ରଫିର ଚତୁର୍ଥ କ୍ୱାଟର ଫାଇନାଲ

କେନ୍ଦ୍ରାପଡ଼ା,(ପିଏନ)-କେନ୍ଦ୍ରାପଡାର ଅବଦୁଲ କରିମ ଖାଁ ମୋମୋରିଆଲ ଟ୍ରଫି ଫୁଟବଲ ପ୍ରତିଯୋଗିତା ର ଚତୁର୍ଥ କ୍ୱାଟର ଫାଇନାଲ ସୋମବାର ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି ମ୍ୟାଚକୁ ପୂର୍ବତନ ଏମପି ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡାର ଲେବର ଷ୍ଟୋଟିଂ କ୍ଲବ ଓ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଟିମ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା। ଏଥିରେ ଲେବର ଷ୍ଟୋଟିଂ କ୍ଲବ ୫/୦ରେ କିଟ୍ ବିଶ୍ୱବିଦ୍ୟାଳୟ ଟିମ କୁ ପରାଜୟ କରି ସେମି ଫାଇନାଲକୁ ଉନ୍ନିତ ହୋଇଥିବା ଜଣାପଡିଛି। ଏହି ପ୍ରତିଯୋଗିତାରେ ବିଜେପିର ରାଜ୍ୟପ୍ରବକ୍ତା ତେଜେଶ୍ୱର ପରିଡା, ଡ଼ଃ କଳ୍ପନା ମଲିକ ଓ ସୁନାକର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ସାଂସଦ ଥିବାବେଳେ ଜିଲ୍ଲାର କ୍ରୀଡା ବିକାଶରେ ୨୪ଟି ମିନି ଷ୍ଟାଡିଅମ ପାଇଁ ଅର୍ଥ ମଞ୍ଜୁର ସହ ନିର୍ମାଣ କାର୍ଯ୍ୟ କରିଥିଲେ ମଧ ବର୍ତମାନ ତାହାର ରକ୍ଷଣା ବେକ୍ଷଣ ଓ ପରିଚାଳନା ଅଭାବରୁ ଅବହେଳିତ ଅବସ୍ଥାରେ ପଡିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏସ୍ ଆଣ୍ଡ ପି ଡାଓ ଜୋନ୍ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ଆଇ) ୨୦୨୨ ରେ ୨ୟ ତମ ସ୍ଥାନ ଅଧିକାର



**ନୂଆଦିଲ୍ଲୀ:** ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ମୂଲ୍ୟାଙ୍କନ ଅବଧି ଆର୍ଥିକ ବର୍ଷ୨୧-୨୨ ଆଲୁମିନିୟମ ଶିଳ୍ପ ପାଇଁ ଏସ୍ ଆଣ୍ଡ ପି ଡାଓ ଜୋନ୍ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ଆଇ) ବିଶ୍ୱ ମାନ୍ୟତାରେ ୨ ତମ ସ୍ଥାନକୁ ଉନ୍ନିତ ହୋଇଛି। ଏସ୍ ଆଣ୍ଡ ପି ଡାଓ ଜୋନ୍ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ଆଇ) ସ୍ଥିରତା ସୂଚକାଙ୍କ ହେଉଛି ଏକ ଶ୍ରେଷ୍ଠ ଶ୍ରେଣୀର ବିଶ୍ୱସ୍ତରୀୟ ମାନଦଣ୍ଡ ଯାହାକି ଅର୍ଥନୈତିକ, ପରିବେଶ ଏବଂ ସାମାଜିକ ମାନଦଣ୍ଡ ଦୃଷ୍ଟିରୁ ଅଗ୍ରଣୀ କମ୍ପାନୀଗୁଡିକର କାର୍ଯ୍ୟଦକ୍ଷତାକୁ ଟ୍ରାକ୍ କରିଥାଏ। ଆର୍ଥିକ ବର୍ଷ ୨୦-୨୧ ମୂଲ୍ୟାଙ୍କନରେ କମ୍ପାନୀ ସର୍ବଭାରତୀୟ ସ୍ତରରେ ପୂର୍ବ ୪ ତମ ସ୍ଥାନରୁ ଦୁଇଟି ସ୍ଲଟ୍ ଉପରକୁ ଉନ୍ନିତ ହୋଇଛି। ଏହା ଦ୍ୱାରା ବେଦାନ୍ତ ଆଲୁମିନିୟମକୁ ବିଶ୍ୱର ଦ୍ୱିତୀୟ ସ୍ଥାୟୀ ଆଲୁମିନିୟମ ଉତ୍ପାଦକ ଭାବରେ ଗଣିତ ହୋଇଛି। ବିଭିନ୍ନ ଶିଳ୍ପସଂସ୍ଥାରେ ୧୦,୦୦୦ ରୁ ଅଧିକ କମ୍ପାନୀ ସେମାନଙ୍କର ସ୍ଥିରତା ଅଭ୍ୟାସଗୁଡିକର ବାର୍ଷିକ ମୂଲ୍ୟାଙ୍କନ କରନ୍ତି, ଯାହା ମଧ୍ୟରୁ କେବଳ ସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚୟନ କରାଯାଇଥାଏ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ସାଇବର ନିରାପତା, ପରିବେଶ ରିପୋର୍ଟ, ପରିବେଶ ନୀତି ଏବଂ ପରିଚାଳନା ପ୍ରଣାଳୀ, ସାମାଜିକ ରିପୋର୍ଟ, ଶ୍ରମ ଅଭ୍ୟାସ ସୂଚକ, ମାନବ ପୁଞ୍ଜି ବିକାଶ, ପ୍ରତିଭା ଆକର୍ଷଣ, ଗ୍ରାହକ ସମ୍ପର୍କ ପରିଚାଳନା ଏବଂ ସମ୍ପ୍ରଦାୟ ଉପରେ ସାମାଜିକ ପ୍ରଭାବ ଇତ୍ୟାଦି ଉପରେ ଅଧିକ ସ୍କୋର କରାଯାଇଥିଲା। ଏହି ସଫଳତା ବିଷୟରେ ଶ୍ରୀ ରାହୁଲ ଶର୍ମା, ସିଇଓ - ଆଲୁମିନିୟମ୍ ବ୍ୟବସାୟ, ବେଦାନ୍ତ ଲିମିଟେଡ୍ କହିଛନ୍ତି, "୨୦୨୨ ପାଇଁ ବେଦାନ୍ତ ଆଲୁମିନିୟମ୍ ର ଏସ୍ ଆଣ୍ଡ ପି ଡାଓ ଜୋନ୍ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ଆଇ) ର୍ୟାଙ୍କିଙ୍ଗ୍ ଆମର ମୂଲ୍ୟ ଶୃଙ୍ଖଳା ମଧ୍ୟରେ ସ୍ଥିରତାର ନୀତିକୁ ଗଠନମୂଳକ ଭାବରେ ଜଳବାୟୁ ସହିତ କେନ୍ଦ୍ରୀଭୂତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଆମର ଅଭିବୃଦ୍ଧି ସ୍ଥାୟୀ ବିକାଶ ଏଜେଣ୍ଡାରେ କାର୍ଯ୍ୟର ଡିକାର୍ବୋନାଇଜେସନ୍, ଶକ୍ତି ମିଶ୍ରଣରେ ନବୀକରଣ ଯୋଗ୍ୟ ପରିମାଣ ବୃଦ୍ଧି, ଜଳ ପରି ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର, ଆମର କର୍ମଚାରୀ ଏବଂ ସହଭାଗୀମାନଙ୍କ କଲ୍ୟାଣ, ବର୍ଜ୍ୟବସ୍ତୁରେ ବୃତାକାର ଅର୍ଥନୀତି ଉପରେ ଆମର ଧ୍ୟାନ ଅନ୍ତର୍ଭୁକ୍ତ। ଚାଷ ଜଳବାୟୁକୁ ସ୍ଥିର କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟ ସହିତ ପରିଚାଳନା ଏବଂ ସହଭାଗିତା। ବିଶ୍ୱସ୍ତରିୟ ଦ୍ୱିତୀୟ ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦକ ହେବାର ସ୍ୱୀକୃତି ଜନସାଧାରଣ ତଥା ସମ୍ପ୍ରଦାୟର ଉନ୍ନତି ପାଇଁ ପରିବର୍ତନ ଆମର ମିଶନକୁ ପ୍ରତିଫଳିତ କରେ।

## ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଙ୍ଘର ସଦସ୍ୟ ଓ ସଦସ୍ୟାଙ୍କ ଯୋଜନା ଓ ସମନ୍ୱୟ ବୈଠକ

କନ୍ଧମାଳ,(ପିଏନ)- ଫୁଲବାଣୀ ସ୍ୱଚ୍ଛାସେବୀ ମହାସଂଘର ସମସ୍ତ ସଭ୍ୟ ଅନୁଷ୍ଠାନର ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମଣ୍ଡାସୁର, ରାଇକିଆ ଠାରେ ଅନୁଷ୍ଠିତ ହୋଇଜାଇଅଛି। ଏହି ତୃତିୟ ସାଧାରଣ ବୈଠକ ରାମ ଚନ୍ଦ୍ର ଦାସଙ୍କ ପୌରହତା କରିଥିବା ବେଳେ ଅନ୍ୟ ସଦସ୍ୟ ଅନୁଷ୍ଠାନମାନଙ୍କର ମୁଖ୍ୟ ଅଧିକାରୀ ଜଥା ସେବା ଭାରତୀ, ଓ.ସି.ଆଇ, ଏ.ସି.ଏମ, ହାଇ ହୋପ ସୋସାଇଟି, ଡିଭୋଟି ଟ୍ରଷ୍ଟି, ଜି.ଏମ.ଏସ, ଫାରେଲ, ଆଜକା, ଲଭ ଇଣ୍ଡିଆ, ଜାଗୃତି, ସ୍ୱାତୀ, ନିପୀଡିତ, ବନବାସୀ ସେବା ସମିତୀ, ଅଗ୍ରଗାମୀ, ଶାନ୍ତି ମୈତ୍ରି, ଜନ ଭିକାଶ, ସାହାରା, ପ୍ରଦାତା ଉପସ୍ଥିତ ରହି ପି.ଏ.ଜିର ବିଭିନ୍ନ କାର୍ଯ୍ୟପ୍ରଣାଳି ବିଷୟରେ ଆଲୋଚନା କରାଜାଇଥିଲା। ଜିଲ୍ଲା ପ୍ରସାସନ କିପରି ସାମାଜିକ ଅନୁଷ୍ଠାନ ମାନଙ୍କୁ ଜିଲ୍ଲାର ବିକାଶ କାର୍ଯ୍ୟକ୍ରମରେ ସାମିଲ ଓ ଆଲୋଚନା କରି ଆଗାମି ଦିନରେ ଚିରନ୍ତନ ବିକାଶର ଲକ୍ଷ ପୂରଣ ଦିଗରେ କାର୍ଯ୍ୟ କରିବ, ସେଥିପ୍ରତୀ ଦୃଷ୍ଟି ଆଣିବା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ ସମନ୍ୱୟ ବୈଠକ କରିବା ପାଇଁ ଦାବି ଉପସ୍ଥାପନା କରିଥିଲେ। ପ୍ରଧାନ ମନ୍ତ୍ରୀ ଆବସ ଜୋଜନା ର ଅଭିଯୋଗ ସମୟ ସୀମା ଅତି ସ୍ୱଳ୍ପ ଥିବାରୁ, ଲୋକମାନେ ଠିକ ଭାବେ ଅବଗତ ହୋଇନାହାଁନ୍ତି, ଏହାର ସମୟ ସୀମା କୁ ବଢାଇବାର ଆବଶ୍ୟକତା ଅଛି। ଜିଲ୍ଲାରେ ହେଉଥିବା ସମନ୍ୱୟ ବୈଠକ ବହୁତ ଦିନ ହେବ ହୋଇପାରୁନି, ଏହାକୁ କିପରି କରିହେବ ଯେଉଁଠି ପ୍ରଶାସନ ଓ ସାମାଜିକ ଅନୁଷ୍ଠାନ ନିଜର ମତ ରଖିପାରିବେ। ଆବାହକ ହରି ଶଙ୍କର ରାଉତ ନିଜସ୍ୱ ଆଭିମୁଖ୍ୟ କୋଭିଡ ପରବର୍ତି ଶିକ୍ଷା ଉପରେ ରଖିଥିବା ବେଳେ, କୈଳାସ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। ରାଇକିଆ ଯୋନ ର ଏହି ସଭା ପିଏଜି ର କାର୍ଯ୍ୟଶୈଳି ରେ ଏକ ପରିବର୍ତନ ହେବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ।

## ଆଂଚଳିକ ପଂଚାୟତ ଜୁନିୟର କଲେଜର ବାର୍ଷିକ ଉତ୍ସବ

ଭୁବନ, (ପିଏନ)- ଭୁବନ ବ୍ଲକ ଅନ୍ତର୍ଗତ ନୂଆହାଟ ଆଂଚଳିକ ପଂଚାୟତ ଜୁନିୟର କଲେଜର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜକୁ ଉତମ ନାଗରିକ ଓ ସଫଳ ବ୍ୟକ୍ତିତ୍ୱରେ ପରିଣତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ, ଉପାଧ୍ୟକ୍ଷା ଶ୍ରୀମତୀ ସରୋଜିନୀ ଦ୍ୱିବେଦୀ, ମୃଦଙ୍ଗା ସରପଂଚ ଶ୍ରୀମତୀ ଟିପ ମାଝୀ, ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ତଥା ପୂର୍ବତନ ସରପଂଚ ବିଜୟ କୁମାର ଆଏଚ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ କ୍ରୀଡାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଏୟୁ ବ୍ୟାଙ୍କ ପ୍ରଚଳନ କରୁଛି ଶିଳ୍ପର ଆଉ ଏକ ପ୍ରଥମ ଅଭିନବ କ୍ରେଡିଟ କାର୍ଡ ଅଫରିଂ- ସ୍ୱାଇପ୍‌ଅପ ପ୍ଲାଟଫର୍ମ

**ମୁମ୍ବାଇ/ ଜୟପୁର :** ଭାରତର ସର୍ବବୃହତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ କ୍ରେଡିଟ କାର୍ଡ ଶିଳ୍ପରେ ଏହି ଧରଣର ପ୍ରଥମ – ସ୍ୱାଇପ୍‌ଅପ୍ ପ୍ଲାଟଫର୍ମ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ପ୍ଲାଟଫର୍ମରେ ଏୟୁ ବ୍ୟାଙ୍କ ଅନ୍ୟ ବ୍ୟାଙ୍କ କ୍ରେଡିଟ କାର୍ଡଧାରୀଙ୍କୁ ସେମାନଙ୍କର ସମ୍ପ୍ରତି ରହିଥିବା କାର୍ଡକୁ ଏୟୁର ଏକ କ୍ରେଡିଟ କାର୍ଡକୁ ଉନ୍ନୀତ କରିବା ସୁଯୋଗ ପ୍ରଦାନ କରିବ। ବ୍ୟାଙ୍କ ପକ୍ଷରୁ ଏହି ପ୍ଲାଟଫର୍ମ ଗ୍ରାହକଙ୍କୁ ତାଙ୍କର ପ୍ରଚଳିତ କ୍ରେଡିଟ କାର୍ଡ ସହିତ ୨-୩ ସେକେଣ୍ଡ ତୁଳନା କରିବାକୁ ସୁଯୋଗ ପ୍ରଦାନ କରୁଛି। ତାହାପରେ ମାତ୍ର କିଛି ମିନିଟ ମଧ୍ୟରେ ସେମାନେ କ୍ରେଡିଟ ସୀମା ବୃଦ୍ଧି କରିବା ସହିତ କ୍ୟାସ୍‌ବ୍ୟାକ, ରିଓ୍ୱାର୍ଡ ପଏଣ୍ଟ ଏବଂ ତ୍ୱରିତ ଆରମ୍ଭରୁ ଶେଷ ଡିଜିଟାଲ ପ୍ରକ୍ରିୟାର ସୁଯୋଗ ନେଇପାରିବେ, ଯଦ୍ୱାରା ଉକ୍ତ କାର୍ଡ ସେମାନଙ୍କର ଜୀବନଶୈଳୀ ସହିତ ଖାପ ଖାଇପାରିବ। ଦୁଇ ଦଶନ୍ଧିରୁ ଅଧିକ କାଳ ଧରି କ୍ରେଡିଟ କାର୍ଡ ପ୍ରଚଳିତ ହୋଇଆସୁଛି ଏବଂ ବର୍ଷ ପରେ ବର୍ଷ ଏଥିରେ ଏକ ସୁସ୍ଥ ଅଭିବୃଦ୍ଧି ସହିତ ଏହା ଅଗ୍ରଗତି ହାସଲ କରୁଛି। ତେବେ ଏହାକୁ ଯେତେବେଳେ ଗ୍ରାହକଙ୍କ ଦୃଷ୍ଟିକୋଣରୁ ଦେଖାଯାଉଛି, ଅଧିକାଂଶ ଗ୍ରାହକ ସେମାନଙ୍କର ଆୟ ଓ ଜୀବନଶୈଳୀରେ ଉନ୍ନତି ସତ୍ତ୍ୱେ ଦୀର୍ଘବର୍ଷ ଧରି ସେହି ସମାନ ବୈଶିଷ୍ଟ୍ୟ ଏବଂ ଅଫର୍‌କୁ ବ୍ୟବହାର କରିଆସୁଛନ୍ତି। ସେମାନେ କ୍ରେଡିଟ କାର୍ଡ ପାଇଁ ଆବେଦନ କରିବା ସମୟରେ ସେମାନଙ୍କର ରହିଥିବା ଜୀବନଶୈଳୀ ଅନୁଯାୟୀ ସେମାନଙ୍କର କ୍ରେଡିଟ କାର୍ଡ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ଅନେକ ବ୍ୟାଙ୍କ କ୍ରେଡିଟ ସୀମା ବୃଦ୍ଧି ନିମନ୍ତେ ପ୍ରସ୍ତାବ ଦେଉଥିବାବେଳେ ବୈଶିଷ୍ଟ୍ୟ ଏବଂ ଫାଇଦାଗୁଡିକ ଅପରିବର୍ତ୍ତିତ ରହୁଛି।




## ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡା, ପୁରୀ ଓ ସମ୍ବଲପୁରରେ ଆରମ୍ଭ ହେଲା ଜିଓ ଟ୍ରୁ ୫ଜି ସେବା

**ମୁମ୍ବଇ/ଭୁବନେଶ୍ୱର :** ରିଲାଏନ୍ସ ଜିଓ ଆଜି ଦେଶର ୫୦ଟି ସହରରେ ଟ୍ରୁ ୫ଜି ସେବା ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହାକୁ ମିଶାଇ ଦେଶର ୧୮୪ ସହରରେ ଜିଓ ବ୍ୟବହାରକାରୀ ସମ୍ପ୍ରତି ଜିଓ ଟ୍ରୁ ୫ଜି ସେବା ପାଉଛନ୍ତି। ଏଥିମଧ୍ୟରୁ ଅଧିକାଂଶ ସହରରେ ରିଲାଏନ୍ସ ଜିଓ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବରେ ୫ଜି ସେବା ପ୍ରଚଳନ କରିଛି। ଏହି ସହରଗୁଡିକରେ ଥିବା ଜିଓ ବ୍ୟବହାରକାରୀମାନଙ୍କୁ ବିନା କୌଣସି ଅତିରିକ୍ତ ଦେୟରେ ୧ ଜିବିପିଏସ୍+ ସ୍ପିଡ୍ ପର୍ଯ୍ୟନ୍ତ ଅସୀମିତ ଡାଟା ବ୍ୟବହାର କରିବା ନିମନ୍ତେ ଜିଓ ଓ୍ୱେଲ୍‌କମ ଅଫର୍‌କୁ ଆମନ୍ତ୍ରଣ କରାଯିବ, ଏହା ଆଜିଠାରୁ ଆରମ୍ଭ ହେଉଛି। ଓଡିଶାରେ ଜିଓ ଟ୍ରୁ ୫ଜି ଆଜି ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସଗୁଡା, ପୁରୀ ଏବଂ ସମ୍ବଲପୁର ଭଳି ଆଉ ୬ଟି ସହରରେ ଆରମ୍ଭ ହୋଇଛି। ଏଥିସହିତ ଓଡିଶାର ୧୦ଟି ପ୍ରମୁଖ ସହରରେ ସମ୍ପ୍ରତି ଜିଓ ଟ୍ରୁ ୫ଜି ସେବା ଉପଲବ୍ଧ ହେଉଛି। ପୂର୍ବରୁ ଜିଓ ଟ୍ରୁ ୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବ୍ରହ୍ମପୁର ସହରରେ ପ୍ରଚଳନ କରାଯାଇସାରିଛି।




ଏହି ଅବସରରେ ଜିଓ ମୁଖପାତ୍ର କହିଛନ୍ତି, "ଦେଶର ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୫୦ଟି ସହରରେ ଜିଓ ଟ୍ରୁ ୫ଜି ସେବା ପ୍ରଚଳନ କରିବା ନେଇ ଆମେ ଆନନ୍ଦିତ ଏଥିସହିତ ଦେଶର ମୋଟ ୧୮୪ଟି ସହରରେ ଜିଓ ଟ୍ରୁ ୫ଜି ସେବା ଉପଲବ୍ଧ ହେଉଛି। ଏହା ଏପର୍ଯ୍ୟନ୍ତ କେବଳ ଭାରତ ନୁହେଁ, ପୃଥିବୀର ଯେକୌଣସି ସ୍ଥାନରେ ଅନ୍ୟତମ ସର୍ବବୃହତ ୫ଜି ସେବା ପ୍ରଚଳନ ହୋଇଛି। ସମଗ୍ର ଦେଶରେ ଆମେ ଟ୍ରୁ ୫ଜି ସେବା ପ୍ରଚଳନର ବେଗ (ସ୍ପିଡ) ଓ ସାନ୍ଦ୍ରତା (ଇଣ୍ଟେନ୍‌ସିଟି)କୁ ତ୍ୱରାନ୍ୱିତ କରିଛୁ, କାରଣ ପ୍ରତ୍ୟେକ ଜିଓ ବ୍ୟବହାରକାରୀ ଜିଓ ଟ୍ରୁ ୫ଜି ପ୍ରଯୁକ୍ତିର ରୂପାନ୍ତରଣକାରୀ ଫାଇଦା ନୂଆବର୍ଷ ୨୦୨୩ରେ ପାଆନ୍ତୁ ବୋଲି ଆମେ ଚାହୁଁଛୁ। ଜିଓ ଟ୍ରୁ ୫ଜି ସେବାରୁ ସମଗ୍ର ଦେଶରେ ୨୦୨୩ ଡିସେମ୍ବର ସୁଦ୍ଧା ଉପଲବ୍ଧ ହେବ ଏବଂ ସମସ୍ତ ଉପଭୋକ୍ତା ଏହା ପାଇବାକୁ ସମର୍ଥ ହେବେ। ଦେଶର ପ୍ରତ୍ୟେକ ଅଞ୍ଚଳକୁ ଡିଜିଟାଇଜ କରିବା ଦିଗରେ ଆମ ପ୍ରୟାସରେ ସମର୍ଥନ ପାଇଁ ଆମେ ଆନ୍ଧ୍ରପ୍ରଦେଶ, ଆସାମ, ଛତିଶଗଡ, ଗୋଆ, ହରିଆଣା, ଝାଡଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡିଶା, ପୁଡୁଚେରୀ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟ ସରକାରମାନଙ୍କ ନିକଟରେ କୃତଜ୍ଞ।"




# ବିଶ୍ୱ ବାଇସାଇକେଲ୍ ଦିବସରେ ବିଶାଳ ସାଇକେଲ୍ ଶୋଭାଯାତ୍ରା

### ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠି ରହିଛି ସାଇକେଲ୍‌ର ଆଦର



ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟରେ ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠି ସାଇକେଲର ଆଦର ରହିଛି। ସାଇକେଲ୍ ହେଉଛି ଓଡ଼ିଆଙ୍କ ପାଇଁ ପରିବହନର ପାରମ୍ପରିକ ଓ ଲୋକପ୍ରିୟ ମାଧ୍ୟମ। ସାଧାରଣ ଲୋକର ଜୀବନଯାତ୍ରାରେ ସାଇକେଲ୍ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଅଫିସ୍ ଠାରୁ ଆରମ୍ଭ କରି ସ୍କୁଲ୍ ପିଲା ସମସ୍ତଙ୍କ ପାଇଁ ଉପାଦେୟ ହେଉଛି ସାଇକେଲ। ସାଇକେଲ୍ ବ୍ୟବହାର ଦ୍ୱାରା ଆମେ ଧ୍ୱନି, ବାୟୁ ପ୍ରଦୂଷଣକୁ କମାଇ ପାରିବା ସହ ପେଟ୍ରୋଲ, ଡ଼ିଜେଲ ପରି ଇନ୍ଧନର ଅପଚୟକୁ ବି ରୋକିପାରିବା। ତତ୍‌ସହିତ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ସାଇକେଲ ବହନ କରିଥାଏ ବୋଲି ଗତକାଲି ବିଶ୍ୱ ସାଇକେଲ୍ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ, ଓଡ଼ିଶା ଶାଖା ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଶ୍ୱ ସାଇକେଲ୍ ଦିବସ-୨୦୨୨କୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରେସ୍ ସୂଚନା ବ୍ୟୁରୋ, ଭୁବନେଶ୍ୱର, ଆଞ୍ଚଳିକ ଆଉଟରିଚ୍ ବ୍ୟୁରୋ, ଭୁବନେଶ୍ୱର ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ହାତ ବଢ଼ାଇଥିଲେ। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ କ୍ୟାମ୍ପସ ମଧ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ରୂପେ ମୁଖ୍ୟ ଅତିଥି ରୂପେ ସୈନିକ ସ୍କୁଲର ପ୍ରିନ୍ସିପାଲ କର୍ଣ୍ଣେଲ ବାଲୁ ଭରଥ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ର ସଂଗଠନର ଆଞ୍ଚଳିକ ନିର୍ଦ୍ଦେଶିକା ଗୀତା ଭଗତ, ରିଜିଓନାଲ ଆଉଟରିଚ୍ ବ୍ୟୁରୋର ଡିଡି ଅଖିଳ କୁମାର ମିଶ୍ର, ଏନ୍‌ଏସ୍‌ସିଏର ପୂର୍ବତନ ସହ-ନିର୍ଦ୍ଦେଶକ ରାମକିଶୋର ଶର୍ମା ପ୍ରମୁଖ ଯୋଗଦେଇ ସଂଗଠନର ଏତାଦୃଶ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଉକ୍ତ ସାଇକେଲ୍ ଶୋଭାଯାତ୍ରାରେ ପାଖାପାଖି ୫ଶରୁ ଉର୍ଦ୍ଧ୍ୱ ଯୁବକ, ଯୁବତୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିପିନ କୁମାର, ଆକାଉଣ୍ଟସ୍ ଅଧିକାରୀ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସନ୍ତୋଷୀ ନଗର ବର୍ଷାଜଳ ନିଷ୍କାସନ ସମସ୍ୟା: ତୁରନ୍ତ ପଦକ୍ଷେପ ନେବାକୁ ଭାରତ ପେଟ୍ରୋଲିୟମ ଡିପୋକୁ ପାରାଦୀପ ପୌରାଧ୍ୟକ୍ଷଙ୍କ ନିର୍ଦ୍ଦେଶ

ପାରାଦୀପ (ପିଏନ୍)- ପାରାଦୀପ ଉପକଣ୍ଠ ବାଲିଝରା ନିକଟସ୍ଥ ସନ୍ତୋଷୀ ନଗର ବସ୍ତି ବାସିନ୍ଦା ଅସରାଏ ବର୍ଷା ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ଜଳ ନିଷ୍କାସନ ହୋଇ ନପାରିବାରୁ ଲୋକମାନଙ୍କ ଘରେ ବର୍ଷାଜଳ ପ୍ରବେଶ କରୁଥିଲା। ଏହି ସମସ୍ୟାକୁ ସାମ୍ନା କରି ଅତି କଷ୍ଟରେ ଚଳୁଥିଲେ ସନ୍ତୋଷୀ ନଗର ବସ୍ତି ବାସିନ୍ଦା। ଜଳବନ୍ଦୀରେ ରହି ବର୍ଷା ଦିନରେ ପରିବାର ସହ ଚଳୁଥିଲେ। ଏହି ସମସ୍ୟାର ସମାଧାନ କରିବା ପାଇଁ ବସ୍ତିବାସିନ୍ଦା ଦାବୀ କରି ଆସୁଥିଲେ। ଆଗକୁ ବର୍ଷା ଦିନ ଆସୁଛି ଲୋକମାନଙ୍କର ଏହି ସମସ୍ୟାକୁ ପ୍ରାଥମିକତା ଦେଇଛି ପାରାଦୀପ ପୌରପାଳିକା। ପୌର ନିର୍ବାଚନ ପରେ ପାରାଦୀପ ପୌରପାଳିକାର ନବନିର୍ବାଚିତ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବସ୍ତିର ଲୋକମାନଙ୍କୁ ଜଳବନ୍ଦୀରୁ ମୁକ୍ତି ଦେବା ପାଇଁ ସେଠାରେ ପହଂଚିଥିଲେ। ବସ୍ତି ଅଂଚଳ ବୁଲି ଦେଖିବା ସହ ଜଳପଥ ଅବରୋଧ ସ୍ଥାନକୁ ଯାଇଥିଲେ। ବର୍ଷାଜଳ ନିଷ୍କାସନର ପଥ ଭାରତ ପେଟ୍ରୋଲିୟମର ତୈଳ ଡିପୋ ମଧ୍ୟରେ ଥିବା ରେଳ ଲାଇନ୍ ତଳେ ଏହା ପୋତି ହୋଇଯାଇଥିବା ଶ୍ରୀ ବିଶ୍ୱାଳ ଦେଖିବାକୁ ପାଇଥିଲେ। ଏହାପରେ ସେ ଭାରତ ପେଟ୍ରୋଲିୟମ ତୈଳ ଡିପୋର ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ଏହି ସମସ୍ୟା ସମ୍ପର୍କରେ ଭାରତ ପେଟ୍ରୋଲିୟମ ତୈଳ ଡିପୋ କାର୍ଯ୍ୟାଳୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବର୍ଷା ଆରମ୍ଭ ପୂର୍ବରୁ ଯୁଦ୍ଧକାଳୀନ ଭିତିରେ ଏହି ବର୍ଷାଜଳ ଅବରୋଧ ପଥକୁ ହଟାଇ ଜଳ ନିଷ୍କାସନ ପଥକୁ ସୁଗମ କରି ସନ୍ତୋଷୀ ନଗରକୁ ଜଳବନ୍ଦୀରୁ ମୁକ୍ତ କରିବାକୁ ଶ୍ରୀ ବିଶ୍ୱାଳ କହିଥିଲେ। ଭାରତ ପେଟ୍ରୋଲିୟମ ତୈଳ ଡିପୋର ଅଧିକାରୀ ଏହି କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସେହିପରି ପାରାଦୀପକୁ ଜିନ୍ଦଲ କମ୍ପାନୀର ଦୋହରା ରେଳଲାଇନ୍ ଯୋଗୁଁ ବାଉରିଆ ପାଳନ୍ଦା ବସ୍ତି ପାଇଁ ଜଳବନ୍ଦୀ ସମସ୍ୟା ଦୂରୀକରଣ ନିମନ୍ତେ ବର୍ଷାଜଳ ନିଷ୍କାସନ ପଥକୁ ସୁଗମ କରିବା ପାଇଁ କଲଭର୍ଟ ନିର୍ମାଣ କରିବାକୁ ଜିନ୍ଦଲ କମ୍ପାନୀ ଅଧିକାରୀଙ୍କୁ ପୌରାଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ଏହି ପଦକ୍ଷେପକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି

—ସ୍କାଉଟ ଗାଇଡ୍—

## ବିଶ୍ୱ ପାଚକ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମେ' ମାସ ୨୯ ତାରିଖ ଦିନଟି ବିଶ୍ୱ ପାଚକ ଦିବସ ରୂପେ ପାଳିତ ହେଉଛି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ଦିବସର ଅବ୍ୟହିତ ପୂର୍ବରୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଏବଂ ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର କେୟାର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଜନସାଧାରଣଙ୍କୁ ଅନ୍ତନଳି କ୍ୟାନ୍ସର ସମ୍ବନ୍ଧିୟ ସଚେତନ କରିବା ପାଇଁ ଏକ ସଭା ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପଟେନମାନେ ଯୋଗଦେଇଥିଲେ। ଏହି ସଭାର ମୁଖ୍ୟ ଅତିଥି ଡଃ. ମନୋଜ କୁମାର ସାହୁ ପିଲାମାନଙ୍କୁ ଅନ୍ତନାଳୀ କ୍ୟାନ୍ସର କଣ, କଣ ପାଇଁ ଏହି ରୋଗ ହୁଏ ଏବଂ ଏହାର ନିରାକରଣ ଓ ସଚେତନତା ବିଷୟରେ ବିସ୍ତୃତ ଭାବରେ ପିଲାମାନଙ୍କୁ ଅବଗତ କରାଇଥିଲେ। ସମ୍ମାନୀତ ଅତିଥି ଭାବରେ ଅଧ୍ୟକ୍ଷ, ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର କେୟାର ଫାଉଣ୍ଡେସନ ପ୍ରଫେସର ଏସ୍.ପି. ସିଂହ ମଧ୍ୟ ଅନୁରୂପ ଭାବରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଗଠନର ସମସ୍ତ ଅଧିକାରୀ ତଥା ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର କେୟାର ଫାଉଣ୍ଡେସନର ବହୁ ପଦାଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

## ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ

ବାଲେଶ୍ୱର (ପିଏନ୍)- ତମାଖୁମୁକ୍ତ ଓଡ଼ିଶା ଅଭିଯାନ ପକ୍ଷରୁ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଜିଲ୍ଲା ସଂଯୋଜକ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଅନିଲ ମହାନ୍ତି ଯୋଗଦେଇ ତମାଖୁ ବ୍ୟବହାର ଦ୍ୱାରା ହେଉଥିବା ରୋଗ ସମ୍ପର୍କରେ ଆଲୋଚନା କରିବା ସହ ତମାଖୁ ସେବନ ବନ୍ଦ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ମ୍ୟାନେଜର ଏଲ୍‌ସିଡ଼ି ମୌସୁମୀ ସାମଲ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୋଟପା ଆଇନରେ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ୧୦୦ରୁ ଅଧିକ ଉପସ୍ଥିତ ବ୍ୟକ୍ତି ପୋଷ୍ଟକାର୍ଡ଼ ମାଧ୍ୟମରେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ପରିଡା, ସ୍ମୃତିପ୍ରଭା ଦାସ ଓ ଦିପ୍ତୀଜ୍ୟୋତୀ ଗୟା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜ ନିଜର ବକ୍ତବ୍ୟ ଦେଇଥିଲେ।

## ୧୮୫୮ର ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳ



ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଜୀବନକୁ ବଳି ପକେଇଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ବୀରତ୍ୱ ଉଦାହରଣ-ଯୋଗ୍ୟ। ଏହି ପରିପ୍ରେକ୍ଷୀରେ ଅନେକ ବ୍ୟକ୍ତିତ୍ୱ ଯେଉଁମାନେ କୌଣସି କାରଣରୁ ଇତିହାସ ପୃଷ୍ଠାରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଚାଲିଛି। ଓଡିଶାର ଯାଜପୁର ଜିଲ୍ଲାର ବରୀ ଧୋୟା ଅଞ୍ଚଳରେ ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ଜନ୍ମ ୧୪ ଫେବୃଆରୀ ୧୮୦୬ରେ। କଥା ୧୮୫୭ ମସିହାର ଇଷ୍ଟ ଇଣ୍ଡିଆ କମ୍ପାନୀ ଚାଷୀମାନଙ୍କ ଉପରେ ଅଧିକରୁ ଅଧିକ ଟିକସ ବଢାଇ ଚାଲିଥାନ୍ତି। ଫଳରେ ଚାଷୀ, ମୂଲିଆ ତଥା ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥାଏ। ଯାଜପୁରର ଜମିଦାରମାନଙ୍କ ନେତୃତ୍ୱରେ ଇଂରେଜ ମାନଙ୍କ ବିରୁଦ୍ଧରେ ୧୮୫୭ ମସିହାରେ ଉପକୂଳ ଓଡିଶାରେ ଆରମ୍ଭ ହୋଇଥିବା ସଶସ୍ତ୍ର ସଂଗ୍ରାମରେ ରାମକୃଷ୍ଣ ସାମନ୍ତସିଂହାର ଓ ସାଥୀଗଣ ନେତୃତ୍ୱ ଗ୍ରହଣ କରିଥିଲେ। ଜମିଦାର ଓ ଚାଷୀମାନଙ୍କର ସଂଗ୍ରାମ ଏତେ ପ୍ରଚଣ୍ଡ ଥିଲା ଯେ, ଇଂରେଜମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଇଂରେଜ ସରକାର ଆନ୍ଦୋଳନକାରୀମାନଙ୍କୁ କଳାପାଣି ପଠାଇ ଦେଇ ସମ୍ପତ୍ତି ବାଜ୍ୟାପ୍ତ କରିଥିଲେ। ଅବଶ୍ୟ ୧୮୫୮ ମସିହାରେ ଯେତେବେଳେ ଦେଶରେ ଆନ୍ଦୋଳନ ଭୟଙ୍କର ରୂପନେଲା ସେତେବେଳେ ଇଂଲଣ୍ଡର ମହାରାଣୀଙ୍କ ରାଜକ୍ଷମା ବଳରେ ସମସ୍ତେ ଜେଲରୁ ମୁକ୍ତି ପାଇବା ସହ ଧନସମ୍ପତ୍ତି ଫେରି ପାଇଥିଲେ। କିନ୍ତୁ ଗିରଫ ହୋଇ ନ ଥିବା ସଂଗ୍ରାମୀଙ୍କ ଭିତରୁ ବର୍ତ୍ତମାନର ଯାଜପୁର ଜିଲ୍ଲାର ରିଶିପୁର ଦେବିଲର ସଂଗ୍ରାମୀ ଯୁବକ ଶ୍ରୁତିଙ୍କୁ କେହି ଧରିପାରିନଥିଲେ। ଶ୍ରୁତି ବିଶ୍ୱାଳ ଇଂରେଜ ସେନାଙ୍କ ଆଖିରେ ଧୂଳି ଦେଇ ଇଂରେଜ ବିରୁଦ୍ଧରେ ଲୁଚିଛପି ଅତର୍କିତ ଆକ୍ରମଣ ଜାରି ରଖିଥିଲେ। ସେ ବାଲିଆ (ଅଭିମନ୍ୟୁ ସାମନ୍ତସିଂହାର)ର ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଦୂତଭଳି କାମ କରୁଥିଲେ। ଶ୍ରୁତି ବିଶ୍ୱାଳ ଇଂରେଜମାନଙ୍କ ଚାଲିଚଳନ ଉପରେ ନଜର ରଖୁଥିଲେ ଓ ଗାଆଁ ଗାଆଁ ବୁଲି ସଭାସମିତି ଆୟୋଜନ କରି ଇଂରେଜମାନଙ୍କ ଅତ୍ୟାଚାର ବିରୁଦ୍ଧରେ ସଶସ୍ତ୍ର ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉ ଥିଲେ।

ଏପଟେ ଯାଜପୁର ସବ୍‌ଡିଭିଜନ ଓ ସେପଟେ କଟକ ଜିଲ୍ଲା ମହକୁମା ମଝିରେ ତାଙ୍କର ପ୍ରଭାବ ଥିଲା। ବ୍ରାହ୍ମଣୀ ନଦୀର ଉପନଦୀ କାଣି ଓ ଖରସ୍ରୋତାର ଧୋୟା ଅଞ୍ଚଳରେ ଶ୍ରୁତି ବିଶ୍ୱାଳ ମେଳି କରୁଥିଲେ, ଚାଷୀ, ମୂଲିଆ ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କୁ ନେଇ। ସେ ଇଂରେଜ ଶାସନର କର୍ମଚାରୀମାନଙ୍କ ଉପରେ କେବଳ ଅତର୍କିତ ଆକ୍ରମଣ କରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁ ନ ଥିଲେ ବରଂ ଇଂରେଜମାନଙ୍କର ନିଦ ହଜେଇ ଦେଇଥିଲେ। ସେ କୌଣସି ଘଟଣା ଘଟେଇ ରଣପା ସାହାଯ୍ୟରେ ଆଖିପିଛୁଳାକେ ଅନ୍ତର୍ଦ୍ଧାନ ହୋଇଯାଉଥିଲେ। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ସେ ରଣପା ଦ୍ୱାରା ବିଲ, ବାଡି, ଗହିର ନଦୀ ପାର ହୋଇ ବାଲିଆ ପର୍ଯ୍ୟନ୍ତ ପଳାଉଥିଲେ। ଏମିତି ଦିନେ ଇଂରେଜ ସିପାହୀ ଦୁଇଜଣ ତାଙ୍କୁ ଧରିବା ପାଇଁ ବାଲିଆ ଆସି ସେ ନିତ୍ୟକର୍ମ କରିବା ଅବସ୍ଥାରେ ଧରିପକାଇଥିଲେ। କୌଣସି ଉପାୟ ନପାଇ ଦୁଇଜଣ ସିପାହୀଙ୍କୁ ଶ୍ରୁତି ନିଜର ବଳିଷ୍ଠ ବାହୁ ମଧ୍ୟରେ ଚାପିଦେଇ ମାରିଦେଲେ। ଏକଥା ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବାପରେ ଇଂରେଜ ଶାସକ ମର୍ମାହତ ହେଲେ। ଇଂରେଜମାନେ ଚାହୁଁ ନ ଥିଲେ, ଏପରି ଘଟଣାର ପୁନରାବୃତ୍ତି ଘଟୁ। ତେଣୁ ହତ୍ୟା ଅଭିଯୋଗରେ ତାଙ୍କୁ ପ୍ରଥମେ ଗିରଫ କରି କଟକ ନିଆଗଲା। ତେରଦିନ ପରେ ଇଂରେଜଙ୍କ ମିଥ୍ୟା ମକଦ୍ଦମା ଓ ବିଚାର ଯୋଗୁ ତରବରିଆ ଭାବରେ ୧୭ ଜୁନ ୧୮୫୮ରେ ଛତିଶ ଦେବିଲରେ ନିଜ ପରିବାର ଓ ଗ୍ରାମବାସୀଙ୍କ ସମ୍ମୁଖରେ ତାଙ୍କୁ ଫାଶୀ ଦିଆଯାଇଥିଲା।

ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କୁ ଫାଶୀ ଦିଆଯାଇଥିବା ବୀରତ୍ୱର ମୂକ ସାକ୍ଷୀ ରହିଛି ଫାଶୀପଡିଆ। ରାଜ୍ୟ ସରକାରଙ୍କ ନିକଟରେ ସହିଦ ଶ୍ରୁତି ବିଶ୍ୱାଳଙ୍କ ସଂପର୍କରେ ତଥ୍ୟ ଅଛି କି ନାହିଁ, ଜଣାନାହିଁ ମାତ୍ର ବରୀ ଅଞ୍ଚଳର ଛତିଶ ଦେବିଲ ଅଞ୍ଚଳରେ ବିଗତ ୧୬୫ ବର୍ଷ ହେଲା ଶେଷରଜ ପରଦିନ ଘର ଅରନ୍ଧା, ଅବଢା ରହେ ଓ ଲୋକ ଉପବାସ ପାଳନ କରନ୍ତି।

**ପ୍ରକାଶ ନାୟକ**, ଗୁରୁଗ୍ରାମ, ନୂଆଦିଲ୍ଲୀ, ମୋ-୭୮୨୭୧୭୩୨୬୯

## କେନ୍ଦ୍ର ସରକାର "କୋଭିଡ୍ ଆୟୋଗ" ଓ କୋଭିଡ୍ ମୃତକଙ୍କୁ ଚାରିଲକ୍ଷ ଅନୁକମ୍ପା ଦେବାକୁ ଦାବୀ କଲା ଯୁବକଂଗ୍ରେସ

ଯାଜପୁର (ପିଏନ୍): ମହାମାରୀ କୋଭିଡ୍‌ରେ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ୍ୟ ବ୍ୟାପକମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ମହାମାରୀ କୋଭିଡ୍‌ରେ ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବାବେଳେ ଅନେକ ପରିବାର ନିଶ୍ଚିହ୍ନ ହୋଇଯାଇଛନ୍ତି। କୋଭିଡ୍ କାଳରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋଭିଡ୍‌ରେ ମୃତକଙ୍କ ସଂଖ୍ୟାକୁ ନେଇ ତାଳମେଳ ନଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ମୋଦି ସରକାର ଆମ ଦେଶରେ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏହାକୁ ୪୭ଲକ୍ଷ ବୋଲି ଦର୍ଶାଇଛି। ଯାହାକି ମୋଦି ସରକାରଙ୍କ ଅପାରଗତାକୁ ପଦାରେ ପକାଇଦେଇଛି। ଏହାକୁ ନେଇ ଜିଲ୍ଲା ଯୁବକଂଗ୍ରେସର ସଭାପତି ସନ୍ତୋଷ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ରସରକାରଙ୍କ ଅପାରଗତା ସଂପର୍କରେ ଶ୍ରୀ ବେହେରା କହିବା ସହ ପ୍ରକୃତ କୋଭିଡ୍ ମୃତ୍ୟୁସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବୀ କରିଛନ୍ତି। ଏଥିସହିତ ମୃତକ ପରିବାରଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମଧ୍ୟ ଦାବୀ ରଖିଛନ୍ତି। ଏବେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଆସିବା ପରେ ସରକାର କୋଭିଡ୍ ମୃତକଙ୍କ ସଂଖ୍ୟା ଲୁଚାଇଥିବା ଓ ବ୍ୟାପକ କୋଭିଡ୍ ସହାୟତା ପାଣ୍ଠି ହେରଫେର କରିଥିବା ସ୍ପଷ୍ଟ ଜଣାପଡିଛି। ଏଣୁ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ସରକାର ସବୁ ଦଳର ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ବୈଠକରେ ଦାବୀ ହୋଇଛି। ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ସଂଗ୍ରାମ ଜେନା, ସରୋଜ ନାୟକ, ସଂଗ୍ରାମ ସାହାଣୀ, ଅରଜିତ ନାୟକ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ଶରଦେନ୍ଦୁ ପତି, ସୁନିଲ ନାୟକ, ଅନିତା ସାହୁ ପ୍ରମୁଖ ଯୁବକଂଗ୍ରେସର କର୍ମୀମାନେ ଯୋଗଦେଇଥିଲେ।

## ଲୋକନାଥ ଚୌଧୁରୀ ସ୍ମୃତି ସମାରୋହ

ଭୁବନେଶ୍ୱର (ପିଏନ୍)–ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ମହାରଥୀ, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ, ଲୋକସଭାରେ ସିପିଆଇର ଉପନେତା, ବିଧାନସଭାରେ ପାର୍ଟିର ଦଳପତି ତଥା ବିଶିଷ୍ଟ ଜନନେତା ଲୋକନାଥ ଚୌଧୁରୀଙ୍କ ୧୯ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଡ. ଅମିୟ ମହାନ୍ତି, ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁର ଜେନା ଓ ଜୟନ୍ତ ଦାସ ଏବଂ ଅବସରପ୍ରାପ୍ତ ଆଇଏଏସ ସୁରେଶ ଚନ୍ଦ୍ର ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ– ଲୋକନାଥ ଚୌଧୁରୀ ଛାତ୍ର ଜୀବନରୁ ବ୍ରିଟିଶ ଗୋଲାମୀର ପ୍ରତୀକ ୟୁନିୟନ ଜ୍ୟାକ୍ ପତାକାକୁ ରେଭେନ୍ସା କଲେଜ ପରିସରରୁ ଓହ୍ଲାଇ ଆଣିବାର ଐତିହାସିକ ଆନ୍ଦୋଳନର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନରେ ମଧ୍ୟ ସାମିଲ ହୋଇଥିଲେ। ୧୯୭୪ରେ ନନ୍ଦିନୀ ଶତପଥୀଙ୍କ ସଂଖ୍ୟାଲଘୁ ସରକାର ସିପିଆଇର ୭ଜଣ ଏମଏଲଏଙ୍କ ସମର୍ଥନରେ ଚାଲିଥିବା ବେଳେ ଲୋକନାଥ ଚୌଧୁରୀଙ୍କ ସମର୍ଥନ ପ୍ରତ୍ୟାହାର ଧମକ ଫଳରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ଦରମା ସମ୍ଭବ ହୋଇଥିଲା। ସେ ୧୯୯୦ ଦଶକରେ ସାଂସଦ ଥିବାବେଳେ ପାର୍ଲାମେଣ୍ଟରେ ଧାରଣା ନୋଟିସ ଦେବାରୁ କେବିକେ ଯୋଜନା ପ୍ରଣୟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇସ୍‌କ ଫର ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ, ଶିକ୍ଷକ ମହାସଂଘ ସଭାପତି ନିକୁଞ୍ଜ କିଶୋର ମହାନ୍ତି, ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥ, ବ୍ୟାଙ୍କ କର୍ମଚାରୀ ନେତା ପ୍ରଫୁଲ୍ଲ ତ୍ରିପାଠୀ ଓ ନୂଆଦୁନିଆର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଲୋକନାଥ ଚୌଧୁରୀଙ୍କ ତ୍ୟାଗ ଓ ସଂଗ୍ରାମମୟ ଜୀବନୀ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ପ୍ରତି ସାମ୍ପ୍ରଦାୟିକ ଫାସିବାଦର ବିପଦ ବିରୁଦ୍ଧରେ ସମସ୍ତ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ବହୁସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ।

## ବିଶ୍ୱ ବାଇସାଇକେଲ ଦିବସ ଉପଲକ୍ଷେ ଆହ୍ୱାନ କମ୍ବାଇନ୍ସର ସାଇକେଲ ରାଲି

ପାରାଦୀପ (ପିଏନ୍)- ଶାରୀରିକ ସୁସ୍ଥତା ଓ ସର୍ବଦା ଫିଟ୍‌ନେସର ପ୍ରୋତ୍ସାହନ ପାଇଁ ପ୍ରତିବର୍ଷ ଜୁନ ୩ ତାରିଖରେ ବିଶ୍ୱ ସାଇକେଲ ଦିବସ ପାଳନ କରାଯାଏ। ଏହି ଦିବସ ଉପଲକ୍ଷେ ପାରାଦୀପର ଅଗ୍ରଣୀ ସାମାଜିକ ସଂଗଠନ ଆହ୍ୱାନ କମ୍ବାଇନ୍ସ ପକ୍ଷରୁ ଶୁକ୍ରବାର ଦିନ ସଉଭିକ ଫାଉଣ୍ଡେସନ ମିଳିତ ସହଯୋଗରେ ଏକ ସାଇକେଲ ରାଲି ଆୟୋଜିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ସୋନ୍ଧି ଓ ହିସାବ ନିରୀକ୍ଷକ ପି.କେ. ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲି ବନ୍ଦର ସହର ପରିକ୍ରମା କରି ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡିଆଠାରେ ସମାପ୍ତ ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଚାଲିବା ଏବଂ ସାଇକେଲ ଚଲାଇବା ସ୍ୱାସ୍ଥ୍ୟ ପାଇଁ ବେସ ଉପଯୋଗୀ ଓ ଶରୀରକୁ ସର୍ବଦା ଫିଟ୍ ରଖିଥାଏ। ତେବେ ଆହ୍ୱାନ କମ୍ବାଇନ୍ସର ଏହି ପଦକ୍ଷେପକୁ ବେଶ୍ ପ୍ରଶଂସା କରାଯାଇଛି। ସୂଚନାଥାଉ କି, ଆହ୍ୱାନ କମ୍ବାଇନ୍ସ ନିରନ୍ତର ଭାବେ ବିଭିନ୍ନ ସମୟରେ ବିନା ଶୁଳ୍କରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା, ଔଷଧ ବଣ୍ଟନ, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ରିଲିଫ ବଣ୍ଟନ ଇତ୍ୟାଦି ଜନହିତକର କାର୍ଯ୍ୟ କରିଆସୁଛି।

## ଖଣି ମାଲିକଙ୍କ ଦୌରାତ୍ମ୍ୟ: ସ୍ଥିତିବାନ ଜମିରେ ରାସ୍ତା ଓ ଜମି ଜବରଦଖଲ ନେଇ ଅଭିଯୋଗ

ଖୋର୍ଦ୍ଧା (ପିଏନ୍)-ଖୋରଧା ଜିଲ୍ଲା ବେଗୁନିଆ ତହସିଲ ଅଧିନସ୍ଥ ମୌଜା ଡ଼ଙ୍ଗରପଡ଼ା, ଖାତା ନଂ.୨୪୪, ପ୍ଲଟ ନଂ. ୧୨୪୫, ଏରିଆ-ଏ୦.୮୩୦ଡ଼ି. ଏକ ବଗାୟତ ଜମି ଅଛି। ଉକ୍ତ ବଗାୟତ ଜମିଟି କାଲୁଚୁଆ ପାହାଡ଼ ପ୍ଲଟ ନଂ.୧୨୪୭, ୧୨୩୭, ୧୫୧୭ ପାଦଦେଶରେ ଅବସ୍ଥିତ। ଅଭିଯୋଗକାରୀ ରାଧିକା ରଂଜନ ରାଉତରାୟଙ୍କ କହିବା ଅନୁଯାୟୀ ତାଙ୍କ ପିତା ଜଣେ ସରକାରୀ ଚାକିରିଆ ହୋଇଥିବା ବେଳେ ମା' ଅସୁସ୍ଥତା କାରଣରୁ ତାଙ୍କ ଅଜାଙ୍କ ନାମରେ ଥିବା ବଗାୟତ ପ୍ଲଟ୍ ୧୨୪୫ରେ ତାଙ୍କ ବିନା ପରାମର୍ଶରେ ଖଣି ନିଲାମଧାରୀ ବ୍ୟକ୍ତିମାନେ ଜୋର ଜବରଦସ୍ତ ସେହି ଜମିରେ ରାସ୍ତା କରି ଯାତାୟାତ କରିବା ସହ ପାହାଡ଼ର ମାଟି ଆଣି ଗଦାକରି ରଖିଛନ୍ତି। ଉକ୍ତ ଜମିରେ ଥିବା ଆମ୍ବ, ପଣସ, କାଜୁ ଓ ଶିଶୁ ଗଛଗୁଡ଼ିକୁ ମେସିନ ଦ୍ୱାରା କାଟି ନେଇଯାଇଛନ୍ତି। ଏ ସମ୍ପର୍କରେ ବିଗତ ଦିନରେ ସେ ଜନଶୁଣାଣି ସମୟରେ ତାଙ୍କର ଜମି ଥିବା ନେଇ ଲିଖିତ ଭାବରେ ଜଣାଇବା ସହ ଜାଗା ନଷ୍ଟ ହେବା ସମ୍ପର୍କରେ ମଧ୍ୟ ଲିଖିତ ଭାବରେ ଶ୍ରୀଜଗନ୍ନାଥ ତହସିଲ କାର୍ଯ୍ୟାଳୟ ଜଟଣୀରେ ମଧ୍ୟ ଅଭିଯୋଗ କରିଥିଲେ। ସେଥିରେ କିଛି ସୁଫଳ ନ ମିଳିବାରୁ ତା.୦୯.୦୩.୨୦୨୨ ରିଖରେ ଖୋରଧା ଉପଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଲିଖିତ ଭାବରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପୁରୀ ବିଜ୍ଞାପନ ସଂଖ୍ୟା-୮୫୧୪, ତା୦୮.୦୮.୨୦୧୭ ରିଖରେ ଉଲ୍ଲେଖ ରହିଛି ଯେ, ଆବେଦନ ଜମି ଲିଜ୍‌ର ପାର୍ଶ୍ୱବର୍ତ୍ତୀ ଜମି ଯଦି ରୟତି ହୋଇଥାଏ ତେବେ ସେହି ଜମି ମାଲିକଙ୍କ ସହମତି ନେବା ଆବଶ୍ୟକ। କିନ୍ତୁ ଖଣି ନିଲାମଧାରୀମାନେ ଏ ସମ୍ପର୍କରେ କୌଣସି ସହମତି ନେଇନାହାଁନ୍ତି। ଏଣୁ ତାଙ୍କ ଅଜାଙ୍କ ନାମରେ ଥିବା ଉକ୍ତ ବଗାୟତ ଜମିର ସୁରକ୍ଷା ପ୍ରଦାନ କରାଯିବା ସହିତ ଖଣି ଲିଜ୍‌ଧାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରଶାସକ ଶ୍ରୀମନ୍ଦିର ପୁରୀ, କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତ, କଟକ, ଜିଲ୍ଲାପାଳ, ଖୋରଧା, ଉପଜିଲ୍ଲାପାଳ, ଖୋରଧା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଖୋରଧା ଏବଂ ବେଗୁନିଆ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୃଷକମାନଙ୍କ ପାଇଁ ଇଫକୋର ନାନୋ ସର୍ବୋତ୍ତମ- ଉଦୟ ଶଙ୍କର ଅଗସ୍ତି




ପାରାଦୀପ,(ପି.ଏନ): ଦେଶର କୃଷକମାନଙ୍କ ପାଇଁ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପି ସର୍ବୋତ୍ତମ ବୋଲି ପ୍ରକାଶ କରିଛନ୍ତି ଦେଶର ବୃହତ୍ତ ସମବାୟ ଭିତ୍ତିକ ସାର କାରଖାନା ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଗସ୍ତି । ବୁଧବାର ଦିନ ପାରାଦୀପ ଇଫକୋ ଟାଉନସିପ୍ ପରିସରରେ ଥିବା କମ୍ୟୁନିଟି ସେଣ୍ଟର ପରିସରରେ ଆୟୋଜିତ ହୋଇଥିଲା କୃଷକ ମେଳା । ଏହି କୃଷକ ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କୃଷକମାନେ ଯୋଗ ଦେଇଥିଲେ । କୃଷକମାନଙ୍କୁ ସମ୍ବୋଧିତ କରିଥିଲେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ.ଅଗସ୍ତି । ବସ୍ତା ସାର ବ୍ୟବହାର ଦ୍ୱାରା ମାଟି ଓ ବାୟୁ ପ୍ରଦୂଷିତ ହେଉଛି ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଇଫକୋ ନାନୋ ସାର ତରଳ ମାଧ୍ୟମରେ ପ୍ରସ୍ତୁତ କରିଛି । ଯାହାକି କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ଦେଇ ପାରୁଛି । ଦେଶ ବିଦେଶରେ ଏହି ତରଳ ନାନୋ ବ୍ୟବହାର ହେଲାଣି । ଏଣୁ କୃଷକ ମେଳାରେ ଯୋଗ ଦେଇଥିବା କୃଷକମାନଙ୍କୁ ଇଫକୋର ନାନୋ ୟୁରିଆ ଓ ନାନୋ ଡିଏପି ବ୍ୟବହାର କରିବା ପାଇଁ ସେ ନିବେଦନ କରିଥିଲେ । ଏହି କୃଷକ ମେଳାରେ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫକୋ ପାରାଦୀପ ୟୁନିଟ୍ ନିର୍ଦ୍ଦେଶକ କେ.ଜେ.ପଟେଲ୍, ଓୟୁଏଟିର ପ୍ରଫେସର ଆଶିଷ କୁମାର ଦାଶ,ରାଜ୍ୟ ମାର୍କେଟିଙ୍ଗ ମ୍ୟାନେଜର ଏସ୍.କେ.ଚାଟାର୍ଜୀ ପ୍ରମୁଖ ନାନୋ ୟୁରିଆ, ନାନୋ ଡିଏପି , ସାଗରିକାର ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

## ଶନିବାର ଅନୁଷ୍ଠିତ ହେବ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବଲାଣି, (ପି.ଏନ): ଚଳିତ ବର୍ଷ ସାରା ଦେଶ ପାଳନ କରୁଛି ଆଜାଦି କା ଅମୃତ ମହୋତ୍ସବ । ଏ ନେଇ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଦେଶ ହିତରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତେବେ ଇସ୍ପାତ ଉତ୍ପାଦନରେ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ କମ୍ପାନୀ ସେଲ୍ ପକ୍ଷରୁ ବିଭିନ୍ନ ଏକକ ରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ।ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣି ପକ୍ଷରୁ ଖଣି ପ୍ରଭାବିତ ଅଂଚଳରେ ଏକ ମେଗା ନିଶୁଳ୍କ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ମାସ ୨୮ ତାରିଖ ଶନିବାର ବଲାଣି ଖଣିର ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ(ସିଏସଆର୍) ବିଭାଗ ପକ୍ଷରୁ ଯୋଡ଼ା ବ୍ଲକ ବଲାଣି ପଂଚାୟତର ବଲାଣି ବସ୍ତି ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ । ବଲାଣି ଖଣିର ନିଜସ୍ୱ ଡାକ୍ତରଖାନାର ବିଭିନ୍ନ ବିଭାଗର ଡାକ୍ତର ଏହି ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ବଲାଣି ଖଣି ଡାକ୍ତରଖାନାର ମୁଖ୍ୟ ଡା. ଥାନେଶ୍ୱର ସୋରେନ ସୂଚନା ଦେଇଛନ୍ତି । ଏହି ଶିବିର ଦ୍ୱାରା ବଲାଣି ଖଣିର ପ୍ରଭାବିତ ଗ୍ରାମବାସୀ କିପରି ଅଧିକରୁ ଅଧିକ ଲାଭାନ୍ୱିତ ହୋଇପାରିବେ ସେ ନେଇ ଖଣିର ସିଏସଆର୍ ବିଭାଗ ପକ୍ଷରୁ ବ୍ୟାପକ ଭାବେ ପ୍ରଚାର ପ୍ରସାର ଆରମ୍ଭ ହୋଇଛି । ବଲାଣି ଖଣି ଦ୍ୱାରା ସିଧାସଳଖ ଭାବେ ପ୍ରଭାବିତ ହେଉଥିବା ପ୍ରତ୍ୟେକ ଗ୍ରାମବାସୀଙ୍କ ନିକଟରେ କିପରି ସ୍ୱାସ୍ଥ୍ୟ ସେବା ପହଂଚିପାରିବ ସେନେଇ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ସିଏସଆର୍ ବିଭାଗର ମୁଖ୍ୟ ଉମେଶ ପ୍ରସାଦ କହିଛନ୍ତି ।ଉକ୍ତ ଶିବିରରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକେ ସିଧାସଳଖ ଲାଭାନ୍ୱିତ ହୋଇପାରିବେ ବୋଲି ବଲାଣି ଖଣି ପକ୍ଷରୁ ସୂଚନା ମିଳିଛି । ଉକ୍ତ ଶିବିରରେ ଅଧିକରୁ ଅଧିକ ଗ୍ରାମବାସୀ ଯୋଗଦେଇ ନିଜର ତଥା ନିଜ ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସିଏସଆର୍ ବିଭାଗର ମୁଖ୍ୟ ଉମେଶ ପ୍ରସାଦ ଆଗ୍ରହ ପ୍ରକାଶ କରିଛନ୍ତି ।

# ପ୍ରତିଷ୍ଠିତ ସାମ୍ବାଦିକ ସ୍ୱର୍ଗତ ନରହରି ମହାନ୍ତିଙ୍କ ୧୪ତମ ପୂଣ୍ୟତିଥି ପାଳିତ




ଦର୍ପଣ, (ପି.ଏନ):ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ବର୍ଷିୟାନ ସାମ୍ବାଦିକ ତଥା ସ୍ୱାଧିନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୪ତମ ପୂଣ୍ୟତିଥି ଆଜି ଧର୍ମଶାଳା ପ୍ରେସକ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୂଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ରଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ଓଝା ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲ, ବିଶ୍ୱନାଥ ସାମଲ, ମହେଶ୍ୱର ବଳ, ସଂପାଦକ ଅବନିଶ୍ୱର ଶତପଥୀ, ଉପଦେଷ୍ଟା ବଟକୃଷ୍ଣ ପରିଡା, ଧର୍ମଶାଳାର ପୂର୍ବତନ ବିଧାୟକ ରଘୁ ଲାବଣ୍ୟ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମସ୍ତ ଅତିଥିବୃନ୍ଦ ସ୍ୱର୍ଗତ ନରହରି ମହାନ୍ତିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା ମଂଚକୁ ଆସିଥିଲେ । ସ୍ୱର୍ଗତ ମହାନ୍ତି ତାଙ୍କ ଛାତ୍ର ଜୀବନରୁ ସମାଜର ସେବାପାଇଁ ସାମ୍ବାଦିକତା ପନ୍ଥାକୁ ବାଛି ନେଇଥିଲେ । ୧୯୬୦ ମସିହାଠାରୁ ସେ ପ୍ରଜାତନ୍ତ୍ର କାଗଜରେ ସାମ୍ବାଦିକ ଭାବେ ଦାୟିତ୍ୱ ବହନ କରି ନିର୍ଭୀକ ଭାବେ ସମାଜର ମଙ୍ଗଳ ପାଇଁ ସମ୍ବାଦ ପରିବେଷଣ କରୁଥିଲେ । ସ୍ୱର୍ଗତ ମହାନ୍ତିଙ୍କର ଉତ୍କଳ କେଶରୀ ଡ.ହରେକୃଷ୍ଣ ମହାତାବ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିରେନ ମିତ୍ର, ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ସୁସମ୍ପର୍କ ରକ୍ଷା କରି ସମାଜର କଲ୍ୟାଣ ପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ । ସେ ଧର୍ମଶାଳା ଅଂଚଳର ଦଳିତ ଓ ଆଦିବାସୀ ବର୍ଗର ଲୋକମାନଙ୍କର ସେବାପାଇଁ ତାଙ୍କର କଲମ ଚାଲୁ ରଖିଥିଲେ । ସେ ଜୀବନ ମଧ୍ୟରେ ଖବର କାଗଜରେ ଲେଖିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ଥିଲା ତାଙ୍କର ଖବର କାଗଜରେ ଲେଖି ସରକାରଙ୍କ ନଜରକୁ ଆଣିବା ପାଇଁ ପ୍ରାଥମିକ ସ୍କୁଲରେ ଚାକିରୀକୁ ପରିତ୍ୟାଗ କରି ଦେବା ଓକାଲ ପାଇବା ଥିଲା ତାଙ୍କର ଚିନ୍ତାଧାରା ।ସ୍ୱାଧିନତା ସଂଗ୍ରାମୀରେ ଭାଗନେଲା ପରେ ଭାରତ ବର୍ଷକୁ ସ୍ୱାଧିନତା ଆଣିବା ପାଇଁ ସେ ମଧ୍ୟ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ । ଧର୍ମଶାଳା ଅଂଚଳର ବିକାଶ ପାଇଁ ତାଙ୍କର ଜୀବନର ଶେଷ ପର୍ଯ୍ୟନ୍ତ ସେ ମଧ୍ୟ ପଛାଇ ଯାଇ ନାହାନ୍ତି ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ ତଥା କବି ପ୍ରଶାନ୍ତ କୁମାର ସ୍ୱାଇଁ,ଧର୍ମଶାଳା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ କିଶାନ ପଣ୍ଡା, ସଂଗ୍ରାମ କେଶରୀ ଜେନା, ଯାଜପୁର ଜିଲ୍ଲା ବିଜେଡି ସାଧାରଣ ସଂପାଦକ ତଥା ଶିଶୁ ସାହିତ୍ୟିକ ଡ.ପ୍ରିୟନାଥ ମହାପାତ୍ର, ଧର୍ମଶାଳା ପ୍ରେସକ୍ଲବ କାର୍ଯ୍ୟକାରୀ ସଂପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ମାନସ କୁମାର ଜେନା, ଧର୍ମଶାଳା ଦଳିତ ନେତା ହରିହର ମଳିକ, ସାମ୍ବାଦିକ ସୀତାକାନ୍ତ ସାମଲ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବିକ୍ରମ କେଶରୀ ମହାନ୍ତି, ଗୁଲାମ ବକ୍ସ, ଇନ୍ଦ୍ରମଣି ନାୟକ, କପିଳେନ୍ଦ୍ର ରାଉତ, ବିନୋଦ ସାହୁ, ଅକ୍ଷୟ କୁମାର ରାଉତ, ବିନୋଦ ବିହାରୀ ପରିଡା, ପ୍ରସନ୍ନ କୁମାର ପାଣି, ସବ୍ୟସାଚୀ ବେହେରା, କିଶୋର ଚନ୍ଦ୍ର ରଉତ, ଅନିଲ କୁମାର ନାୟକ, ସୁବ୍ରତ କୁମାର ଜେନା ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରନ କରିଥିଲେ । ଶେଷରେ ସାମ୍ବାଦିକ ପ୍ରଶାନ୍ତ କୁମାର ଗଡ଼ାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ବ୍ଲକ ଅନ୍ତର୍ଗତ ସିନ୍ଦ୍ରିମାଳ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟ ଠାରେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଆଜି ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା ଶକୁନ୍ତଳା ମାଝୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମାନସ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ସଂଯୋଜିକା ବିଜୟଲକ୍ଷ୍ମୀ ଚୌଧୁରୀ ଓ ପ୍ରୋଗ୍ରାମର ସତ୍ୟବ୍ରତ ମିଶ୍ର ଉପସ୍ଥିତ ଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଜୀବନ ଜାଗୃତି ୱେଲଫେୟାର ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ



ଭୁବନେଶ୍ୱର: ଜୀବନ ଜାଗୃତି ୱେଲଫେୟାର ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରରେ ଆଜି ସକାଳ ୬ଟାରେ ଗଣସାଇକେଲ ରାଲିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୬୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଏହାକୁ କ୍ରୀଡା ଜଗତର ତାରକା ଅନୁରାଧା ବିଶ୍ୱାଳ ଶୁଭାରମ୍ଭ କରିଥିଲେ । ଏହା କ୍ଲିନିକରୁ ବାହାରି ଆଚାର୍ଯ୍ୟ ବିହାର, ଜୟଦେବ ବିହାର, କଳିଙ୍ଗ ହସ୍ପିଟାଲ, ନନ୍ଦନକାନନ ଦେଇ ପୁଣି କ୍ଲିନିକରେ ପହଞ୍ଚିଥିଲା । ସେହିପରି ସକାଳ ୯ଟାରେ ରକ୍ତଦାନ ଶିବିର ମଧ୍ୟ କ୍ଲିନିକରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଲକ୍ଷ୍ମୀବିହାର ବିକାଶ ପରିଷଦର ସଭାପତି ଅଶୋକ କୁମାର ବଳବ'ରାୟ ଶୁଭାରମ୍ଭ କରିଥିଲେ ଓ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି କଣ୍ଟାବାଡ ପଞ୍ଚାୟତରେ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ସେଥିରେ ଗ୍ରାମର ୪ଶହ ଜଣ ଯୋଗ ଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଉଲ୍ଲେଖଯୋଗ୍ୟ ଜୀବନ ଜାଗୃତି ୱେଲଫେୟାର ଟ୍ରଷ୍ଟର ଆରମ୍ଭ ୨୦୨୧ ମସିହାରେ ଏକୁଟିଆ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କର ଜୀବନକୁ ସ୍ନେହ,ଆଦର ଓ ଖୁସିରେ ବିତାଇବା ପାଇଁ ଚେଷ୍ଟା ସହିତ ଶାଂତିରେ ଜୀବନଯାପନ ପାଇଁ ସର୍ବଦା ଚେଷ୍ଟା କରୁଥିବା ଅନୁଷ୍ଠାନ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Thursday January 26, 2023 ଭୁବନେଶ୍ୱର ଗୁରୁବାର, ଜାନୁଆରୀ ୨୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮




## ଓଡିଶାରୁ ମିଳିବ ଦୁଇ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ ଓ ୧୧ ଜଣଙ୍କୁ ପୋଲିସ ମେଡାଲ

ଭୁବନେଶ୍ୱର ,(ପି.ଏନ): ସାଧାରଣତନ୍ତ୍ର ଦିବସ ୨୦୨୩ ପାଇଁ ପୋଲିସ ମେଡାଲ ସମ୍ପର୍କରେ ଘୋଷଣା କରାଯାଇଛି । ଓଡିଶାରୁ ମିଳିବ ଦୁଇ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ ଓ ୧୧ ଜଣଙ୍କୁ ପୋଲିସ ମେଡାଲ ମିଳିବ ବୋଲି ସୂଚନା ଦିଆଯାଇଛି । ଓଡ଼ିଶାରୁ ଆଇପିଏସ ଅଫିସର ଡି. ଏସ୍ କୁଟେ ଓ କନଷ୍ଟେବଲ ପ୍ରହଲ୍ଲାଦ ରାଉତ ରାଷ୍ଟ୍ରପତି ପୋଲିସ୍ ମେଡାଲ ଫର ଡିଷ୍ଟିଙ୍ଗଉଇଷ୍ଟ୍ର ସର୍ଭିସ ପାଇବେ ବୋଲି ଘୋଷଣା କରାଯାଇଛି । ସେହିପରି ପୋଲିସ ମେଡାଲ ଫର ମେରିଟରିୟସ ସର୍ଭିସ ପାଇଁ ୧୧ ଜଣଙ୍କର ନାମ ଘୋଷଣା କରାଯାଇଛି । ସେମାନେ ହେଲେ ଯତୀନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ମିଶ୍ର, ସୁଧାଂଶୁ ଶେଖର ପୂଜାରୀ, ହିମାଂଶୁ ଭୁଷଣ ସ୍ୱାଇଁ, ଜ୍ଞାନେନ୍ଦ୍ର କୁମାର ଦାସ, ଅରୁଣ ବଳିଆର ସିଂହ, ଯୁଗଳ କିଶୋର ପ୍ରଧାନ, ଏସ ଖାନ, ବିଙ୍କ ଭୂଷଣ ମହାନ୍ତି, ଅନିଲ ମିଂଜ, ପ୍ରଦୀପ କୁମାର ବେହେରା ।

## ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପଦ୍ମବେଶ

ପୁରୀ,(ପି.ଏନ): ଆଜି ରାତିରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦୁର୍ଲ୍ଲଭ ପଦ୍ମବେଶ ଅନୁଷ୍ଠିତ ହେବ । ବଡ଼ସିଂହାର ବେଶରେ ପଦ୍ମଫୁଲରେ ଆପାଦ ମସ୍ତକ ବିଭୂଷିତ ହେବେ ତିନି ଠାକୁର। ବଡ଼ଛତା ମଠରୁ ଆଜି ଅପରାହ୍ନରେ ଆସିବ ଏହି ବେଶ ସାମଗ୍ରୀ । ଆସନ୍ତାକାଲି ସକାଳେ ଭକ୍ତ ମାନେ ଶ୍ରୀଜୀଉଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିପାରିବେ ।ଆଜି ସଂନ୍ଧ୍ୟାଧୂପ ପରେ ପ୍ରସ୍ତୁତ ପଦ୍ମବେଶ ଶ୍ରୀମନ୍ଦିରକୁ ବିଜେ କରିବ । ବଡ଼ସିଂହାର ବେଶରେ ଏହା ଶ୍ରୀଜୀଉମାନଙ୍କୁ ଲାଗି ହେବ । ପରଦିନ ଅର୍ଥାତ୍ ଆସନ୍ତାକାଲି ଅବକାଶ ପୂର୍ବରୁ ବେଶ ଓଲାଗି ହେବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ଚୂଡ଼ାନ୍ତ ହୋଇଛି । ଯେହେତୁ ବଡ଼ସିଂହାର ବେଶରେ ମହାପ୍ରଭୁଙ୍କୁ ପଦ୍ମବେଶ ଲାଗି ହେବ ଓ ପରେ ପରେ ପହୁଡ଼ ନୀତି ଅନୁଷ୍ଠିତ ହେବ, ସେ ଦୃଷ୍ଟିରୁ ରାତିରେ ଭକ୍ତ ମାନେ ଚତୁର୍ଦ୍ଧାମୂର୍ତିଙ୍କ ଏହି ଦୁର୍ଲ୍ଲଭ ପଦ୍ମବେଶ ଦର୍ଶନ କରିପାରିବେ ନାହିଁ । ଆସନ୍ତାକାଲି ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ପଦ୍ମବେଶ ଦର୍ଶନ କରିପାରିବେ । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray